### ବିପର୍ଯ୍ୟସ୍ତ ସ୍ୱାସ୍ଥ୍ୟସେବା ସମାଧାନ ଦାବି

# ୨୩ରେ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ବିକ୍ଷୋଭ

କିଶୋରନଗର,୧୪।୬(ସମିସ):



ଅନୁଗୋଳ ଜିଲ୍ଲା ଉପାନ୍ତ ଅଞ୍ଚଳରେ ଅବସ୍ଥିତ କିଶୋରନଗର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ବିଶେଷଜ୍ଞ ଡାକ୍ତର, ଆନୁଷଙ୍ଗିକ ଉପକରଣ ଅଭାବରୁ ସ୍ୱାସ୍ଥ୍ୟସେବା ବିପର୍ଯ୍ୟସ୍ତ ହୋଇପଡ଼ିଛି। ସ୍ୱାସ୍ଥ୍ୟକେନ୍ଦ୍ରରେ ଭେଷଜ, ସ୍ତ୍ରୀ ଓ ପ୍ରସୂତି ରୋଗ, ଶିଶୁରୋଗ, ଅସ୍ଥିଶଲ୍ୟ ବିଶେଷଜ୍ଞ ଡାକ୍ତର ନିଯୁକ୍ତି, ଏକ୍ସ-ରେ, ଅଲଟ୍ରାସାଉଣ୍ଡ ମେସିନ୍ ସ୍ଥାପନ, ଶଯ୍ୟା ସଂଖ୍ୟା ବୃଦ୍ଧି, ନିରାମୟରେ ସମସ୍ତ ଔଷଧ ଯୋଗାଣ, ଡାକ୍ତର, ନର୍ସ, କର୍ମଚାରୀ ପଦ ପୂରଣ, କର୍ମଚାରୀ କ୍ୱାର୍ଟର୍ସ ନିର୍ମାଣ, ଶବ ବ୍ୟବଚ୍ଛେଦ ଗୃହ କାର୍ଯ୍ୟକ୍ଷମ ପ୍ରଭୃତି ଦାବିରେ ଆସନ୍ତା ୨୩ ତାରିଖ ସ୍ୱାସ୍ଥ୍ୟକେନ୍ଦ୍ର ସମ୍ମୁଖରେ ଏସୟୁସିଆଇ (କମ୍ୟୁନିଷ୍ଟ) ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ କରାଯିବ। ଆନ୍ଦୋଳନକୁ ସଫଳ କରିବା ପାଇଁ ରବିବାର ଏକ ପ୍ରସ୍ତୁତି ବୈଠକ ଜଏରାଟଠାରେ ଅନୁଷ୍ଠିତ ହୋଇଛି। ବରିଷ୍ଠ ସଭ୍ୟ ପୀତାମ୍ବର ପ୍ରଧାନଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ତୀର୍ଥବାସୀ ଭୋଇ, ରମଣୀ ରଞ୍ଜନ ପ୍ରଧାନ, ରବିନାରାୟଣ ବାରିକ, ଲକ୍ଷ୍ମଣ ବେହେରା, ରମେଶ ଲୁହା, କିଶୋରୀ ପ୍ରଧାନ, ସୁରୁଚି ପ୍ରଧାନ, ବସୁମତୀ ସାହୁ, ରମେଶ ସାହୁ, ଜୟ ବେହେରା ପ୍ରମୁଖ ଯୋଗଦେଇ ନିଜ ମତ ଉପସ୍ଥାପନ କରିଥିଲେ। ସ୍ୱାସ୍ଥ୍ୟସେବା ସମସ୍ୟା ସମାଧାନ ପାଇଁ ଅଞ୍ଚଳର ସବୁ ସ୍ତରର ଜନସାଧାରଣ ଏହି ଆନ୍ଦୋଳନରେ ଯୋଗଦେଇ ଏହାକୁ ସଫଳ କରିବାକୁ ଅନୁରୋଧ କରାଯାଇଛି।

## କିଶୋରନଗରରେ ରଜପାନ ପସରା



କିଶୋରନଗର,୧୪।୬(ସମିସ): କିଶୋରନଗର ଅଞ୍ଚଳର ପୁରପଲ୍ଲୀରେ ରଜ ଉତ୍ସବ ପାଳିତ ହେଉଛି। ଗାଁ ଗାଁରେ ଆବାଳ ବୃଦ୍ଧବନିତା ସମସ୍ତେ ଆନନ୍ଦ ଉଲ୍ଲାସରେ ଦୋଳି ଖେଳି ଏହି ଉତ୍ସବର ମଜା ନେଉଛନ୍ତି। ଏହି ଅବସରରେ କିଶୋରନଗରରେ ରଜପାନ ପସରା ମେଲିଛି। ରଜପାନ କିଣିବାକୁ ଲୋକଙ୍କ ଭିଡ଼ ଜମୁଛି।

## ଆଲତୁମା ରଜ ମହୋତ୍ସବ ଉଦଘାଟିତ



**କାମାକ୍ଷାନଗର,୧୪।୬(ସମିସ):** ଢେଙ୍କାନାଳ ଜିଲ୍ଲା କାମାକ୍ଷାନଗର ଏନ୍ଏସି ଆଲତୁମାରେ ରଜ ମହୋତ୍ସବ କମିଟି ସଭାପତି ବାଳକୃଷ୍ଣ ନାୟକଙ୍କ ସଭାପତିତ୍ୱରେ ଷୋଡ଼ଶ ରଜ ମହୋତ୍ସବ ଉଦଘାଟିତ ହୋଇଛି। ମୁଖ୍ୟଅତିଥି ରୂପେ ଏନ୍ଏସି ଅଧ୍ୟକ୍ଷ ଧର୍ମାନନ୍ଦ ପରିଡ଼ା ଯୋଗଦେଇ ଉତ୍ସବକୁ ଉଦଘାଟନ କରିଥିଲେ। ସମ୍ମାନିତ ଅତିଥି ରୂପେ ଆଲତୁମା ଗ୍ରାମ ସଭାପତି ବିଭୂତି ଭୂଷଣ ମହାନ୍ତି, ବଡ଼ବିଲା ଚଷାସାହି ସଭାପତି ଅକ୍ଷୟ କୁମାର ସେଣ୍ଠ, ଏନ୍ଏସି କାଉନସିଲର ପ୍ରମୋଦ କୁମାର ସେଣ୍ଠ, ସଞ୍ଜୟ କୁମାର ପରିଡ଼ା, ଶୁକଦେବ ସାହୁ, ବନମାଳୀ ରାଉଳ, ରୀତାଞ୍ଜଳି ନାୟକ, ଖୁଲଣା ବେହେରା, କମିଟି ଉପସଭାପତି ମକରଧ୍ୱଜ ପ୍ରଧାନ ଯୋଗଦେଇଥିଲେ। ବରିଷ୍ଠ ସଭ୍ୟ ଛବି ନାରାୟଣ କବି ଓ ପ୍ରଦୀପ କୁମାର ମହାରଣା ମଞ୍ଚାସୀନ ଥିଲେ। ସଂଯୋଜକ ନିରଞ୍ଜନ ସାହୁ ଅତିଥି ପରିଚୟ ପ୍ରଦାନ ସହ ମଞ୍ଚ ପରିଚାଳନା କରିଥିଲେ। ସମ୍ପାଦକ ରାଜେନ୍ଦ୍ର ସେଣ୍ଠ ଧନ୍ୟବାଦ ଅର୍ପଣ କରିଥିଲେ। ତିନିଦିନ ବ୍ୟାପୀ ବିଭିନ୍ନ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ ବୋଲି ମୁଖ୍ୟ ଉପଦେଷ୍ଟା ମଧୁସୂଦନ ସେଣ୍ଠ ସୂଚନା ଦେଇଛନ୍ତି।

ମହୋତ୍ସବ ସ୍ଥଳରେ ଖାଦ୍ୟ ଷ୍ଟଲ୍, ଆମ୍ବଗଛଗୁଡ଼ିକରେ ବିଭିନ୍ନ ଜୀବନ୍ତ ଚିତ୍ର ଓ ବିଭିନ୍ନ ଦୋଳି ସମସ୍ତଙ୍କୁ ବେଶ୍ ଆକୃଷ୍ଟ କରୁଛି। ବିଭିନ୍ନ ଖେଳ କାର୍ଯ୍ୟକ୍ରମକୁ ମୁନା ତ୍ରିପାଠୀ ଓ ସହଯୋଗୀମାନେ ପରିଚାଳନା କରୁଛନ୍ତି। ନୃତ୍ୟଗୁରୁ ଗୁରୁଚରଣ ସାହୁଙ୍କ ପରିଚାଳନାରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ସଭ୍ୟ ରାଜେଶ ସେଣ୍ଠ, ରଶ୍ମିରଞ୍ଜନ ସାହୁ, ଶୁଭ୍ରାଂଶୁ ସାହୁ, ଶୁଭ୍ରାଂଶୁ ମହାନ୍ତି, ସଚ୍ଚିଦାନନ୍ଦ ମହାରଣା, କର୍ପୁରାରୀ ସାହୁ, ଦୀପକ ପରିଡ଼ା, ବିଶ୍ୱଜିତ୍ ପ୍ରଧାନ, ରଞ୍ଜନ ପ୍ରଧାନ, ଆଶିଷ ସେଣ୍ଠ, ସୌଭାଗ୍ୟ ବେହେରା, ମାନସ ଖୁଣ୍ଟିଆ, ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଆଶିଷ ଓ ମୌସୁମୀ ସଂଯୋଜନା କରିଥିଲେ।

### ● ଫକୀରମୋହନଙ୍କ ୧୦୭ତମ ଶ୍ରାଦ୍ଧବାର୍ଷିକୀ

## ଦିଗ୍‌ବଳୟ ସାଂସ୍କୃତିକ ମଞ୍ଚ ପକ୍ଷରୁ ଶ୍ରଦ୍ଧାଞ୍ଜଳି

କିଶୋରନଗର,୧୪।୬(ସମିସ): ଓଡ଼ିଶାରେ ନବଜାଗରଣର ପୁରୋଧା, ଓଡ଼ିଆ ଭାଷା ସୁରକ୍ଷା ଆନ୍ଦୋଳନର ସେନାପତି, କଥାସମ୍ରାଟ ବ୍ୟାସକବି ଫକୀରମୋହନ ସେନାପତିଙ୍କ ୧୦୭ତମ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ ଦିଗବଳୟ ସାଂସ୍କୃତିକ ମଞ୍ଚ ପକ୍ଷରୁ ସ୍ଥାନୀୟ ବ୍ରାହ୍ମଣୀପାଳିସ୍ଥିତ ଦେୟମୁକ୍ତ ପାଠଶାଳା କର୍ମଭୂମିରେ ଶ୍ରଦ୍ଧାଞ୍ଜଳି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ପାଠଶାଳାର ସଂସ୍ଥାପକ ଅବସରପ୍ରାପ୍ତ ସେନା ଅଧିକାରୀ ପ୍ରଫୁଲ୍ଲ କୁମାର ପ୍ରଧାନଙ୍କ ସଂଯୋଜନାରେ ଅନୁଷ୍ଠିତ ସଭାରେ ଦିଗବଳୟ ସାଂସ୍କୃତିକ ମଞ୍ଚ ଆବାହକ ଚିତ୍ତରଞ୍ଜନ ମେଣ୍ଡୁଲୀ, ସଂଗଠକ ତୀର୍ଥବାସୀ ଭୋଇ ଯୋଗଦେଇ କହିଲେ, ଫକୀରମୋହନ ତତ୍କାଳୀନ ସମାଜର ଅନ୍ଧବିଶ୍ୱାସ, କୁସଂସ୍କାର, ସାମାଜିକ ଶୋଷଣ ବିରୋଧରେ ଲେଖନୀ ଚାଳନା କରି ଓଡ଼ିଶାରେ ନବଜାଗରଣ ଚିନ୍ତାର ପ୍ରଚାର ପ୍ରସାର କରିଥିଲେ। ଓଡ଼ିଆ ଭାଷା ସୁରକ୍ଷା ପାଇଁ ଚାଲିଥିବା ଆନ୍ଦୋଳନରେ ସେ ସକ୍ରିୟ ଭାବେ ଅଂଶଗ୍ରହଣ କରିଥିଲେ। ଫକୀରମୋହନଙ୍କ ଜୀବନ ସଂଗ୍ରାମରୁ ଶିକ୍ଷା ନେଇ ପ୍ରଚଳିତ ସମାଜର ଅନ୍ଧବିଶ୍ୱାସ, କୁସଂସ୍କାର, ସାମାଜିକ ଶୋଷଣ ବିରୋଧରେ ଲଢ଼େଇ ପାଇଁ ଆଗେଇ ଆସିବା ହିଁ ତାଙ୍କ ପ୍ରତି ଶ୍ରେଷ୍ଠ ଶ୍ରଦ୍ଧାଞ୍ଜଳି ହେବ ବୋଲି ମତବ୍ୟକ୍ତ କରିଥିଲେ।

## ପ୍ରମୋଦଙ୍କୁ ଛେଣ୍ଡିପଦା ବିଜେପି ସୋସିଆଲ ମିଡିଆ ଦାୟିତ୍ୱ



ଅନୁଗୋଳ ସହର,୧୪।୬(ସମିସ): ଛେଣ୍ଡିପଦା ନିର୍ବାଚନ ମଣ୍ଡଳୀର ଯୁବନେତା ତଥା ସାମ୍ବାଦିକ ପ୍ରମୋଦ ଗଡ଼ନାୟକ (ମଣ୍ଟୁ)ଙ୍କୁ ଅନୁଗୋଳ ଜିଲ୍ଲା ବିଜେପି କୃଷକ ମୋର୍ଚ୍ଚାର ସୋସିଆଲ ମିଡିଆ ଦାୟିତ୍ୱ ପ୍ରଦାନ କରାଯାଇଛି। ରାଜ୍ୟ କୃଷକ ମୋର୍ଚ୍ଚା ସଭାପତି ଶୁଭ୍ରାଂଶୁ ମୋହନ ପାଢ଼ୀଙ୍କ ଅନୁମୋଦନ କ୍ରମେ ଜିଲ୍ଲା ସଭାପତି ଯଯାତି କେଶରୀ ପଟ୍ଟନାୟକ, ଜିଲ୍ଲା କୃଷକ ମୋର୍ଚ୍ଚା ସଭାପତି ବିଜୟ କୁମାର ମାଝି ଶନିବାର ପ୍ରମୋଦଙ୍କ ନାମ ଘୋଷଣା କରିଛନ୍ତି। ଏହି ଦାୟିତ୍ୱ ମିଳିବା ପରେ ପ୍ରମୋଦ ସମ୍ବଲପୁର ସାଂସଦ ତଥା କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, ଢେଙ୍କାନାଳ ସାଂସଦ ରୁଦ୍ରନାରାୟଣ ପାଣି, ଅନୁଗୋଳ ବିଧାୟକ ପ୍ରତାପ ଚନ୍ଦ୍ର ପ୍ରଧାନ, ପାଲଲହଡ଼ା ବିଧାୟକ ଅଶୋକ ମହାନ୍ତି, ଛେଣ୍ଡିପଦା ବିଧାୟକ ଅଗସ୍ତି ବେହେରାଙ୍କ ସମେତ ରାଜ୍ୟ ନେତୃତ୍ୱ କାଳନ୍ଦୀ ସାମଲଙ୍କୁ କୃତଜ୍ଞତା ଜଣାଇଛନ୍ତି।

## ଶାନ୍ତନୁ ସର ହେଲେ ସାହିତ୍ୟ ସଂସଦ ସଭାପତି



ଅନୁଗୋଳ,୧୪।୬(ସମିସ): ସ୍ଥାନୀୟ ରୋଟାରୀ ପବ୍ଲିକ ସ୍କୁଲରେ ଅନୁଗୋଳ ଜିଲ୍ଲା ସାହିତ୍ୟ ସଂସଦର ସ୍ୱତନ୍ତ୍ର ବୈଠକ ଅନୁଷ୍ଠିତ ହୋଇଛି। ଏହି ଅବସରରେ ଖାଲି ପଡ଼ିଥିବା ସଂସଦର ସଭାପତି ପଦରେ ସର୍ବସମ୍ମତିକ୍ରମେ ପ୍ରାଧ୍ୟାପକ ଶାନ୍ତନୁ କୁମାର ସରଙ୍କୁ ମନୋନୀତ କରାଯାଇଛି। ସାହିତ୍ୟ ସଂସଦର ପତ୍ରିକା ପାଦଚିହ୍ନ ପାଇଁ ସମ୍ପାଦନା ମଣ୍ଡଳୀ ଚୟନ କରାଯାଇଥିଲା। ଅନିତା ପାଣି, ଅକ୍ଷୟ କୁମାର ପଟ୍ଟନାୟକ, ଡ. ଦଧିବାମନ ପ୍ରଧାନ, ଅସିତ୍ କୁମାର ପଟ୍ଟନାୟକଙ୍କୁ ପତ୍ରିକା ସମ୍ପାଦକମଣ୍ଡଳୀରେ ସ୍ଥାନ ଦିଆଯାଇଛି। ଡ. ରମା ଗଡ଼ନାୟକ, ସରୋଜିନୀ ଦେଇ, ଗୀତାମୟୀ ମହାପାତ୍ର, ଅରୁଣ ସାହୁ, ମନୋକକଜ କୁମାର ବେହେରା, ଇନ୍ଦିରା ଦାଶ, ଇଂ ଧନେଶ୍ୱର ସାହୁ ପ୍ରମୁଖ ବୈଠକରେ ଅଂଶଗ୍ରହଣ କରି ବକ୍ତବ୍ୟ ରଖିଥିଲେ। ସାହିତ୍ୟ ସଂସଦ ସମ୍ପାଦକ ରାଧାକାନ୍ତ ମହାନ୍ତି ସଭା ପରିଚାଳନା କରିଥିଲେ।

## ପବିତ୍ର ମୋହନ ପ୍ରଧାନଙ୍କ ଶ୍ରାଦ୍ଧ ଦିବସ ପାଳିତ



ତାଳଚେର,୧୪।୬(ସମିସ): ତାଳଚେରର ଅଗ୍ରଣୀ ସ୍ୱେଚ୍ଛାସେବୀ ଓ ସାଂସ୍କୃତିକ ଅନୁଷ୍ଠାନ ଆମ ପ୍ରତିଭା ଆମ ପରିଚୟ, ଆଗେଇବା ଓ ତାଳଚେର ପୂଜ୍ୟପୂଜା ପରିଷଦ ପକ୍ଷରୁ ଗଡ଼ଜାତ ଆନ୍ଦୋଳନର ମୁଖ୍ୟ ପୁରୋଧା ଆଜନ୍ମ ବିପ୍ଳବୀ ତଥା ଓଡ଼ିଶାର ପୂର୍ବତନ ଉପମୁଖ୍ୟମନ୍ତ୍ରୀ ସ୍ୱର୍ଗତ ପବିତ୍ର ମୋହନ ପ୍ରଧାନଙ୍କ ୩୯ତମ ଶ୍ରାଦ୍ଧ ଦିବସ ପାଳିତ ହୋଇଛି। ତାଳଚେର ପବିତ୍ର ମୋହନ ଛକ ନିକଟରେ ଥିବା ପବିତ୍ର ମୋହନଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ପୂର୍ବତନ ସାଂସଦ ମହେଶ ସାହୁଙ୍କ ନେତୃତ୍ୱରେ ବହୁ ପବିତ୍ରପ୍ରେମୀ ଯୋଗଦେଇ ପବିତ୍ରଙ୍କ ସ୍ମୃତିଚାରଣ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅନୁଷ୍ଠାନର ସାଧାରଣ ସମ୍ପାଦକ ରମେଶ ବେହେରା, ପବିତ୍ର ମୋହନ ସ୍ମୃତି କମିଟି ସଭାପତି ତପନ କୁମାର ମହାରଣା, କୁଶବିହାରୀ ସାମଲ, କାଳନ୍ଦୀ ସାମଲ, ଅନିଲ ନାଏକ, ସିଟିଜେନ ଫୋରମ୍ ସଭାପତି ଜିତେନ୍ଦ୍ର ମହାପାତ୍ରଙ୍କ ସମେତ ବହୁ ବ୍ୟକ୍ତି ଉପସ୍ଥିତ ଥିଲେ।

## ଏଟିଏମ ଅଚଳ, ଗ୍ରାହକ ଅସନ୍ତୋଷ

ବଅଁରପାଳ,୧୪।୬(ସମିସ): ସ୍ଥାନୀୟ ଗଣେଶ ବଜାରରେ ଅନୁଗୋଳ ସଂଯୁକ୍ତ କେନ୍ଦ୍ର ସମବାୟ ବ୍ୟାଙ୍କ ପକ୍ଷରୁ ଏହାର ସମ୍ପ୍ରସାରିତ ଶାଖାରେ ସ୍ଥାପନ କରାଯାଇଥିବା ଏଟିଏମ କାଉଣ୍ଟର




ଦୀର୍ଘ ମାସ ହେଲା ଅଚଳ ଅବସ୍ଥାରେ ରହିଛି। କାଉଣ୍ଟରରେ ତାଲା ଝୁଲୁଛି। ଫଳରେ ଏହି ବ୍ୟାଙ୍କରେ କାରବାର କରୁଥିବା ଗ୍ରାହକଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ଦେଖାଯାଇଛି। ୨୦୨୩ ଅଗଷ୍ଟ ୩ ତାରିଖରେ ଏଠାରେ ଏଟିଏମ ସ୍ଥାପନ କରାଯାଇଥିଲା। କିନ୍ତୁ ସ୍ଥାପନ ହେବା ଦିନରୁ ଏଥିରେ ଅନିୟମିତତା ଦେଖା ଯାଇଥିଲା। ୨୪ ଘଣ୍ଟିଆ ସେବା ବଦଳରେ ୮ ଘଣ୍ଟିଆ ସେବା ମିଳିଲା। ଯାନ୍ତ୍ରିକ ତ୍ରୁଟି ହେଉ କିମ୍ବା ଅନ୍ୟ କୌଣସି କାରଣରୁ ଏହି ଏଟିଏମ ଅଧିକାଂଶ ଦିନ ବନ୍ଦ ରହୁଥିଲା। ଫଳରେ ଏହି ବ୍ୟାଙ୍କରେ ଏଟିଏମ କାର୍ଡ କରିଥିବା ଗ୍ରାହକମାନେ ଆବଶ୍ୟକ ସମୟରେ ଏଠାରୁ ଅର୍ଥ ଉଠାଇ ନ ପାରି ଅନ୍ୟ ବ୍ୟାଙ୍କ ଏଟିଏମ ବ୍ୟବହାର କରିବାକୁ ବାଧ ହେବା ସହ ଅଯଥା ଖର୍ଚ୍ଚାନ୍ତ ହେଉଛନ୍ତି। ଏଟିଏମ ସ୍ଥାପନ ହେବାର ୩ ବର୍ଷରୁ ଊର୍ଦ୍ଧ୍ୱ ସମୟ ହୋଇଥିଲେ ସୁଦ୍ଧା ମାତ୍ର ଏକ ବର୍ଷ ଏହା କାର୍ଯ୍ୟକ୍ଷମ ହୋଇଥିବା ଅଭିଯୋଗ ହୋଇଛି। ତୁରନ୍ତ ଉଚ୍ଚ କର୍ତ୍ତୃପକ୍ଷ ଏଥିପ୍ରତି ଦୃଷ୍ଟି ଦେଇ ଏଟିଏମ ଚାଲୁ କରିବାକୁ ଗ୍ରାହକମାନେ ଦାବି କରିଛନ୍ତି।

## ବିଶ୍ୱ ରକ୍ତଦାତା ଦିବସ ଉପଲକ୍ଷେ ରକ୍ତଦାନ ଶିବିର

**ଆଠମଲ୍ଲିକ,୧୪।୬(ସମିସ):** ବିଶ୍ୱ ରକ୍ତଦାତା ଦିବସ ଉପଲକ୍ଷେ ଆଠମଲ୍ଲିକ ରକ୍ତଦାତା ସଂଘ ପକ୍ଷରୁ ଠାକୁରଗଡ଼ ପଞ୍ଚାୟତ କାର୍ଯ୍ୟାଳୟରେ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଛି। ରକ୍ତଦାତା ସଂଘ ସଭାପତି ଶତ୍ରୁଘ୍ନ ସାହୁଙ୍କ ସଭାପତିତ୍ୱରେ ଆୟୋଜିତ ଏହି ଶିବିରରେ ମୁଖ୍ୟଅତିଥି ଭାବେ ଆଠମଲ୍ଲିକ ଓକିଲସଂଘ ସଭାପତି ସୁଶାନ୍ତ କୁମାର ମହାପାତ୍ର, ସମ୍ମାନିତ ଅତିଥି ଭାବେ ସ୍ଥାନୀୟ ସରପଞ୍ଚ ଚାରୁଲତା ମିଶ୍ର, ଅନୁଗୋଳ ଜିଲ୍ଲା ସାମ୍ବାଦିକ ସଂଘ ସଭାପତି ଅଜିତ ଧର ପ୍ରମୁଖ ଯୋଗଦେଇଥିଲେ। ମୁଖ୍ୟଅତିଥି ମହାପାତ୍ର ଜଗନ୍ନାଥଙ୍କ ନିକଟରେ ନଡ଼ିଆ ଭାଙ୍ଗି ଶିବିରକୁ ଉଦଘାଟନ କରିଥିଲେ। ଶିବିରରେ ସମୁଦାୟ ୨୦ ୟୁନିଟ ରକ୍ତ ସଂଗ୍ରହ କରାଯାଇଛି। ରକ୍ତଦାତାଙ୍କୁ ଉତ୍ତରୀୟ, ମାନପତ୍ର ସହ ମୋମେଣ୍ଟୋ ପ୍ରଦାନ କରାଯାଇ ସମ୍ବର୍ଦ୍ଧିତ କରାଯାଇଥିଲା। ଆଠମଲ୍ଲିକ ଉପଖଣ୍ଡ ଡାକ୍ତରଖାନାର ଡାକ୍ତର ସ୍ୱାଗତିକା ଗରଡ଼ିଆ ରକ୍ତଦାତାଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିଥିଲେ। ରକ୍ତକେନ୍ଦ୍ରର ବରିଷ୍ଠ ସେବିକା ସ୍ନିଗ୍ଧାରାଣୀ ସିଂହ, ରବୀନ୍ଦ୍ରନାଥ ମହାନ୍ତି ଓ ରାକେଶ କୁମାର ଦତ୍ତ ପଞ୍ଜୀକରଣ କରିଥିଲେ। ମୁକେଶ କୁମାର ଦେହୁରୀ ରକ୍ତ ନମୁନା ଚିହ୍ନଟ କରିଥିଲେ। ସୁଶାନ୍ତ କୁମାର ସାହୁ, ବିନୟ ବିଶ୍ୱାଳ ଓ ମନୋରଞ୍ଜନ ବେହେରା ରକ୍ତ ସଂଗ୍ରହରେ ସହଯୋଗ କରିଥିଲେ। ମୋଟିଭେଟର ପ୍ରଶିକ୍ଷକ ରାଧାମୋହନ ତ୍ରିପାଠୀ ଉପସ୍ଥିତ ଥିଲେ। ସମାଜସେବୀ ସଞ୍ଜୟ କୁମାର ପ୍ରଧାନ, ସୌରଭ କୁମାର ମିଶ୍ର, ଶୁଭକାନ୍ତ ପ୍ରଧାନ, ଅନାମ ଚରଣ ସ୍ୱାଇଁ, ସାମ୍ବାଦିକ କରୁଣାକର ନାୟକ, ଧନଞ୍ଜୟ ନାୟକ, ଲିକୁ, ଟିଣ୍ଟୁ, ଅନଙ୍ଗ, ରିତେଶ, ଅଶ୍ୱିନୀ ସ୍ୱାଇଁ ପ୍ରମୁଖ ଶିବିର ପରିଚାଳନା କରିଥିଲେ।




# ରଜ ପାଇଁ ତାଳଚେର ଅଞ୍ଚଳ ଚଳଚଞ୍ଚଳ

ତାଳଚେର,୧୪।୬(ସମିସ):



ରଜ ପାଇଁ ତାଳଚେରର ପୁରପଲ୍ଲୀ ଚଳଚଞ୍ଚଳ ହୋଇଉଠିଛି। ରବିବାର ପହିଲି ରଜରେ ଘରର ମହିଳାମାନଙ୍କ ସହ କୁଆଁରୀ କନ୍ୟାମାନେ ନୂତନ ବସ୍ତ୍ର ପରିଧାନ କରି ପାଦରେ ଅଳତା ଓ ଝୁମୁକା ଲଗା ପାଉଁଜି ପିନ୍ଧି ଆମ୍ବତୋଟାର ଦୋଳି ଖେଳର ମଜା ନେଉଛନ୍ତି। ତାଳଚେର ବ୍ଲକର କଙ୍କିଳି, ଧରମପୁର, ସଇନାଳୀ, ହରିହରପୁର, କାକୁଡ଼ି, ସାତପାଟିଆ, ସ୍କଟଲାଣ୍ଡପୁର, ବିହାରୀପୁର, କିଶୋରରୀପାଳ, ଭେରୁବଣିଆ, ଗୁରୁଜାଙ୍ଗ, ସନ୍ଧପଡ଼ା, ବହ୍ଲର, ଚାଇଁପାଳ, ଜଗନ୍ନାଥପୁର, ଦାସନାଳୀ, ଗୋଡ଼ିବନ୍ଧ, ଗୁରୁଜାଙ୍ଗୁଲି, କଣ୍ଡାଳ, ପଦ୍ମାବତୀପୁର, ଡଅଁରା, କଳମଛୁଇଁ, ଗୋପାଳପ୍ରସାଦ କୁମୁଣ୍ଡା, ରାକସବାହାଲ, ଘଣ୍ଟପଡ଼ା, ଚାଳଗଡ଼ ଆଦି ବିଭିନ୍ନ ଗ୍ରାମ ସମେତ ତାଳଚେର ପୌରାଞ୍ଚଳର ୨୧ ୱାର୍ଡରେ ବିଭିନ୍ନ ସ୍ଥାନରେ ରଜଦୋଳି ଲଗାଯାଇଛି। ସେହିପରି ପିଠାପଣା, ଖିରି, ଖେଚୁଡ଼ି ଆଦି ସୁସ୍ୱାଦୁ ବ୍ୟଞ୍ଜନରେ ଗାଁଠୁ ସହର ମହକି ଉଠିଛି। ଲୋକେ ପୋଡ଼ପିଠା ପ୍ରସ୍ତୁତ କରି ସାହି ପଡ଼ିଶାରେ ବାଣ୍ଟିଛନ୍ତି। ବହୁ ସ୍ଥାନରେ ମିଠା ପାନର ପସରା ଖୋଲିଛି। ରଜ ଓଡ଼ିଶାର ଏକ ଗଣପର୍ବ ଭାବେ ପାଳନ କରାଯାଉଥିବା ବେଳେ ତାଳଚେର ଅଞ୍ଚଳର ଆବାଳ ବୃଦ୍ଧବନିତା ଏହାକୁ ଅତି ଆନନ୍ଦ ସହକାରେ ପାଳନ କରୁଛନ୍ତି।



ଢେଙ୍କାନାଳରେ କାଳବୈଶାଖୀର ତାଣ୍ଡବ, ୫ ଘଣ୍ଟା ଅନ୍ଧାରରେ ସହରବାସୀ

# ଚାମେଲି ଓଝା ଘଟଣାରେ ରାଜ୍ୟ ରାଜନୀତି ସରଗରମ

କେନ୍ଦ୍ରାପଡ଼ା/ମହାକାଳପଡ଼ା,୧୪।୬(ସମିସ)

କେନ୍ଦ୍ରାପଡ଼ା ଜିଲ୍ଲା ମହାକାଳପଡ଼ା ବ୍ଲକର ତିଖିରୀ ପଞ୍ଚାୟତ ସରପଞ୍ଚ ଚାମେଲି ଓଝାଙ୍କୁ ନେଇ ସୃଷ୍ଟି ହୋଇଥିବା ବିବାଦ ଏବେ କେବଳ ଏକ ସ୍ଥାନୀୟ ପ୍ରସଙ୍ଗ ହୋଇ ରହିନାହିଁ। ବରଂ ରାଜ୍ୟ ରାଜନୀତିରେ ବଡ଼ କମ୍ପନ ସୃଷ୍ଟି କରିଛି। ଯେଉଁ ସରକାର ନାରୀ ସୁରକ୍ଷା ଓ ମହିଳା ସଶକ୍ତିକରଣର ଡିଣ୍ଡିମ ପିଟୁଛନ୍ତି, ସେ ସମୟରେ ଜଣେ ନିର୍ବାଚିତ ମହିଳା ଜନପ୍ରତିନିଧିଙ୍କ ପ୍ରତି ପୁଲିସ ଓ ପ୍ରଶାସନର ବ୍ୟବହାର ଗଣତନ୍ତ୍ର ପ୍ରତି ଅନେକ ପ୍ରଶ୍ନବାଚୀ ସୃଷ୍ଟି କରିଛି। ସାଧାରଣ ବାକ୍‌ବିତଣ୍ଡାରୁ ଆରମ୍ଭ ହୋଇଥିବା ଏହି ଘଟଣା ପଛରେ ରାଜନୈତିକ ଆକ୍ରୋଶ, ମାସିକ ବଟି ଦାବି ଓ ପ୍ରଶାସନିକ କ୍ଷମତାର ଅପବ୍ୟବହାରର ସଙ୍ଗୀନ ଅଭିଯୋଗ ଆସିବା ପରେ ସରକାରୀ କଳର ନିରବତା ଏବେ ସନ୍ଦେହକୁ ଦ୍ୱିଗୁଣିତ କରିଛି।

**କୋର୍ଟରୁ ମେଡିକାଲ ପର୍ଯ୍ୟନ୍ତ ପୁଲିସ ଛାଉଣୀ:** ସାଧାରଣ ଜନପ୍ରତିନିଧି ନା ଦୁର୍ଦ୍ଦାନ୍ତ ଅପରାଧୀ? ଚାମେଲି ଓଝାଙ୍କୁ ଗିରଫ କରାଯିବା ଓ ପରବର୍ତ୍ତୀ ସମୟରେ କୋର୍ଟ, ମେଡିକାଲ ପରିସରରେ ଯେଉଁଳି ଭାବେ ପୁଲିସ ଛାଉଣୀ କରାଯାଇଥିଲା, ତାହା ଦେଖିଲେ ମନେ ହେଉଥିଲା ସେ ଜଣେ ଜନପ୍ରତିନିଧି ନୁହଁନ୍ତି; ବରଂ କୌଣସି ଦୁର୍ଦ୍ଦାନ୍ତ ଅପରାଧୀ। ଚାମେଲିଙ୍କ ନାମରେ ଏତଲା ଦେଇଥିବା ମହିଳା ପୁଲିସ କର୍ମଚାରୀ, ଯିଏକି ସରପଞ୍ଚ ତାଙ୍କ ହାତ କାମୁଡ଼ି ଛିଣ୍ଡାଇ ଦେଇଥିବା ଦର୍ଶାଇଥିଲେ, ସେ ମେଡିକାଲ ପରିସରରେ ସମ୍ପୂର୍ଣ୍ଣ ସୁସ୍ଥ ଅବସ୍ଥାରେ ଡ୍ୟୁଟି କରୁଥିବା ଦେଖିବାକୁ ମିଳିଥିଲା। ଗଣମାଧ୍ୟମ ପ୍ରତିନିଧି ତାଙ୍କୁ ଘେରି ପ୍ରଶ୍ନ କରିବାକୁ ଚେଷ୍ଟା କରିବାରୁ ସେ ସେଠାରୁ ଦୌଡ଼ି ପଳାଇବା ଘଟଣା ପୁଲିସର ମିଥ୍ୟା କାହାଣୀର ପର୍ଦ୍ଦାଫାସ କରୁଛି। ପ୍ରଥମେ ସୁସ୍ଥ ଦର୍ଶାଇ ଚାମେଲିଙ୍କୁ ବାରିମୂଳ ଜେଲ ପଠାଗଲା, ମାତ୍ର ଜେଲ ଭିତରେ ସେ ଗୁରୁତର ହେବାରୁ ପୁଣି କେନ୍ଦ୍ରାପଡ଼ା ମେଡିକାଲ ଅଣାଗଲା। ଡାକ୍ତର ତାଙ୍କୁ କଟକ ବଡ ମେଡିକାଲକୁ ରେଫର କରିବା ସହ ରୋଗୀ ସହ କେବଳ ପୁଲିସ ଯିବ, ପରିବାର ଯାଇପାରିବେ ନାହିଁ ବୋଲି ଜିଦ୍ ଧରିବା ପଛର ରହସ୍ୟ କ'ଣ? ବ୍ୟାପକ ବିରୋଧ ଯୋଗୁଁ ଶେଷରେ ରେଫର ବାତିଲ ହେଲା ଓ ତାଙ୍କୁ ମେଡିକାଲର ତଳେ ଶୁଆଇ ସାଲାଇନ୍ ଦିଆଯାଉଥିବା ଦୃଶ୍ୟ ସଭ୍ୟ ସମାଜକୁ ଆନ୍ଦୋଳିତ କରିଛି। ପୁଲିସ ହେପାଜତରେ ଥିବା ଚାମେଲିଙ୍କ ଦେହରେ ଏତେ ଗୁଡ଼ିଏ କ୍ଷତ ଚିହ୍ନ ଆସିଲା କେଉଁଠୁ? ପୁଲିସ ତାଙ୍କୁ ଥାର୍ଡ ଡିଗ୍ରୀ ଦେଇନାହିଁ ତ, ଏଭଳି ସନ୍ଦେହ ଏବେ ଜୋର ଧରିଛି।

**ପ୍ରଶାସନର ଦୋମୁହାଁ ନୀତି ଓ ଏଡିଟେଡ୍ ସିସିଟିଭିର ରହସ୍ୟ:** ଘଟଣା ଦିନ ସରପଞ୍ଚ ବିଡିଓଙ୍କ କାର୍ଯ୍ୟାଳୟକୁ କୌଣସି ସମସ୍ୟାର ଆଲୋଚନା ପାଇଁ ଯାଇଥିବାବେଳେ ନିଜ ସୁରକ୍ଷା ପାଇଁ ମୋବାଇଲ୍ ଭିଡିଓ ଅନ୍ କରିବା କ'ଣ ଦେଶର ଆଇନ ଅନୁସାରେ ଅପରାଧ? ଯେଉଁଠି ବଡ଼ ବଡ଼ ନେତା ବିଡିଓ, ଏବିଡିଓଙ୍କୁ ଦୁର୍ବ୍ୟବହାର କରିପାରୁଛନ୍ତି, ସେଠି ଜଣେ ମହିଳା ଜନପ୍ରତିନିଧିଙ୍କୁ ଭିଡିଓ କରିବା ମନା ଥିଲା ବୋଲି କୁହାଯାଉଛି। ସବୁଠୁ ଆଶ୍ଚର୍ଯ୍ୟର କଥା ହେଉଛି, ଅତୀତରେ କେବେ ସିସିଟିଭି ସାର୍ବଜନୀନ କରି ନ ଥିବା କେନ୍ଦ୍ରାପଡ଼ା ପୁଲିସ ଏହି ମାମଲାରେ ଥାନା ଭିତରର ଏଡିଟ ସିସିଟିଭି ଫୁଟେଜ୍ ଗଣମାଧ୍ୟମକୁ ଜାରି କରି ନିଜର ସତୀତ୍ୱ ପ୍ରମାଣ କରିବାକୁ ଚେଷ୍ଟା କରୁଛି। ଯଦି ପୁଲିସ ସଚ୍ଚୋଟ, ତେବେ ସମ୍ପୂର୍ଣ୍ଣ ଅନଏଡିଟେଡ୍ ଭିଡିଓ କାହିଁକି ଛଡ଼ାଗଲା ନାହିଁ ବୋଲି ପ୍ରଶ୍ନ ଉଠିଛି? ଚାମେଲିଙ୍କ କାମୁଡ଼ା ଭିଜୁଆଲ୍ ଓ ତାଙ୍କୁ ଗାଡ଼ି ଭିତରେ ମହିଳା କନଷ୍ଟେବଳମାନେ କରିଥିବା ଆକ୍ରମଣର ଦୃଶ୍ୟକୁ ଲୁଚାଇବା ପଛରେ କାହାର ହାତ ରହିଛି? ଏଥିସହିତ ପୁଲିସ ସରପଞ୍ଚଙ୍କ ମୋବାଇଲ୍ ଜବତ କରି ରଖିଛି, ଯେଉଁଥିରେ ବିଧାୟକଙ୍କ ବିରୋଧରେ ଗୁରୁତ୍ୱପୂର୍ଣ୍ଣ ଅଡିଓ ଓ ଭିଡିଓ ପ୍ରମାଣ ଥିଲା ବୋଲି ଚାମେଲି ଅଭିଯୋଗ କରିଛନ୍ତି। ସେହି ମୋବାଇଲ୍ ତୁରନ୍ତ ଫେରସ୍ତ କରାଯିବାକୁ ଦାବି ହେଉଛି।

## ଜଣେ ମହିଳା ସରପଞ୍ଚଙ୍କ ଆର୍ତ୍ତନାଦ ନା ରାଜନୈତିକ ଆକ୍ରୋସର ପ୍ରତିଫଳନ

**ବିଧାୟକଙ୍କ ବିରୋଧରେ ସଙ୍ଗୀନ ଅଭିଯୋଗ:** ଚୁପ୍ କାହିଁକି ସରକାର? ସରପଞ୍ଚ ଚାମେଲି ଓଝା ନିର୍ବାଚନ ଜିତିବା ଦିନଠାରୁ ମହାକାଳପଡ଼ା ବିଧାୟକ ଦୁର୍ଗାପ୍ରସନ୍ନ ନାୟକ ଓ ତାଙ୍କ ସମର୍ଥକଙ୍କ ଆକ୍ରୋଶର ଶିକାର ହୋଇଆସୁଥିବା ଅଭିଯୋଗ କରିଛନ୍ତି। ଚାମେଲିଙ୍କୁ ଇଜ୍ଜତ ବିକ୍ରି ପାଇଁ ବାଧ୍ୟ କରାଯାଉଥିଲା। କିଏ ସେ ବ୍ୟକ୍ତି, ସେନେଇ ଏବେ ସାଧାରଣ ଜନତା ପ୍ରଶ୍ନ ପଚାରୁଛନ୍ତି।

**ମାସିକ ବଟି ଦାବି:** ବିଧାୟକଙ୍କ ସମର୍ଥକ ମାସିକ ୧ ଲକ୍ଷ ଟଙ୍କା ବଟି ମାଗୁଥିଲେ। ଥରେ ୫୦ ହଜାର ଟଙ୍କା ଦେବା ପରେ ଅଧିକ ଦେବାକୁ ମନା କରିବାରୁ ପଞ୍ଚାୟତର ସମସ୍ତ ବିଲ୍ ଓ ଉନ୍ନୟନମୂଳକ କାର୍ଯ୍ୟ ବନ୍ଦ କରିଦିଆଯାଇଥିଲା ବୋଲି ଅଭିଯୋଗ ହୋଇଛି।

**ଏଫଆଇଆର ଉପରେ କାର୍ଯ୍ୟାନୁଷ୍ଠାନ ଶୂନ୍ୟ:** ଚାମେଲି ବିଡିଓ ଓ ଥାନା ଅଧିକାରୀଙ୍କ ନାମରେ ଏତଲା ଦେଇଥିଲେ ମଧ୍ୟ ତାହା ରେଜିଷ୍ଟ୍ରେସନ ହୋଇଛି କି ନାହିଁ, ତା'ର ସ୍ପଷ୍ଟତା ନାହିଁ। ଅପରପକ୍ଷେ ବିଧାୟକଙ୍କ ପ୍ରାୟ ୨୦ ଜଣ ସମର୍ଥକ ଓ ଭଡ଼ାଟିଆ ଗୁଣ୍ଡା ଯେଉଁମାନେ ସରପଞ୍ଚଙ୍କ ମୋବାଇଲ୍ ଛଡ଼ାଇ ଆକ୍ରମଣ କରିଥିଲେ, ସେମାନଙ୍କୁ ପୁଲିସ ଏଯାଏଁ ଗିରଫ କରିନାହିଁ କାହିଁକି। ଏତେ ବଡ଼ ସଙ୍ଗୀନ ମାମଲା ପରେ ମଧ୍ୟ ବିଧାୟକ ମୁହଁ ନ ଖୋଲିବା ଓ ଶାସକ ଦଳର ନିରବତା ପ୍ରମାଣ କରୁଛି ଯେ ପ୍ରଶାସନ ଏଠି କେବଳ ଶାସକ ଦଳର ଇଚ୍ଛା ପୂରଣ କରୁଛି।

**ଉଠୁଛି ୧୨ଟି ଅସମାହିତ ପ୍ରଶ୍ନ:** କେନ୍ଦ୍ରାପଡ଼ାବାସୀଙ୍କ ଜବାବ୍ ଦାବି ବିଡିଓଙ୍କ କାର୍ଯ୍ୟାଳୟରେ ଘଟଣାଦିନ କ'ଣ ଆଲୋଚନା ହେଲା ଓ କେଉଁ ଅପରାଧ ପାଇଁ ପ୍ରଶାସନ ପୁଲିସର ଆଶ୍ରୟ ନେଲା, ତା'ର ସ୍ପଷ୍ଟୀକରଣ ଗଣମାଧ୍ୟମକୁ ଦିଆଯାଉନାହିଁ କାହିଁକି? ସରପଞ୍ଚ ଭିଡିଓ କରିବା କ'ଣ ଦେଶର ଆଇନ ଅନୁସାରେ ଅପରାଧ? ତିଖିରୀ ପଞ୍ଚାୟତର ବିଲ୍‌ଗୁଡ଼ିକୁ ବହୁଦିନ ଧରି ରୋକାଯିବା ପଛର କାରଣ କ'ଣ? ବିଡିଓ କ'ଣ ଅନ୍ୟ କାହାର ରାଜନୈତିକ ଚାପରେ ଆସି ପଞ୍ଚାୟତର ବିକାଶରେ ବାଧକ ସାଜିଥିଲେ? ଚାମେଲି ଓଝା ଜଣେ ନାଗରିକ ଭାବେ ଏବେ ବିଜେପି ରାଜନୈତିକ ଦଳର ସମ୍ପର୍କରେ ରହିଛନ୍ତି। ଯାହାକୁ ନେଇ ଏତେ ଆକ୍ରୋଶ ନା ଅନ୍ୟ କିଛି? ସ୍ଥାନୀୟ ବିଧାୟକ ଏହି ଘଟଣାରେ ସମ୍ପୂର୍ଣ୍ଣ ଚୁପ୍ କାହିଁକି? ପଞ୍ଚାୟତର ଦୁର୍ନୀତି ପାଇଁ ଯଦି କେହି ଦାୟୀ, ତେବେ କାର୍ଯ୍ୟନିର୍ବାହୀ ଅଧିକାରୀ ଓ ଅନ୍ୟ ସରକାରୀ କର୍ମଚାରୀ ସମାନ ଭାବେ ଦାୟୀ ନୁହନ୍ତି କି? ପୁଲିସ ବ୍ଲକ କାର୍ଯ୍ୟାଳୟରେ ପହଞ୍ଚି ନିରପେକ୍ଷ ତଦନ୍ତ କରିଥିଲା କି, ନା କେବଳ ଏକତରଫା କାର୍ଯ୍ୟାନୁଷ୍ଠାନ ଗ୍ରହଣ କଲା? ଜଣେ ମହିଳା ଜନପ୍ରତିନିଧିଙ୍କ ଗାଡ଼ି ଅଟକାଇବା, ମୋବାଇଲ୍ ଛଡ଼ାଇବା ଓ ଅପରାଧୀ ସଦୃଶ ବ୍ୟବହାର କରିବା କେତେଦୂର ଆଇନସମ୍ମତ? କେନ୍ଦ୍ରାପଡ଼ା ଜିଲ୍ଲା ପୁଲିସ ଓ ପ୍ରଶାସନର ଏଭଳି ଜୁଲୁମ୍ ସରକାରଙ୍କ ଅପାରଗତାକୁ ଦର୍ଶାଉନାହିଁ କି? ଥାନା ଭିତରେ ଆକ୍ରମଣ ଓ ମେଡିକାଲରେ ଚିକିତ୍ସା ଅବହେଳାକୁ ନେଇ ଉଠୁଥିବା ସନ୍ଦେହ ଉପରେ ସରକାରୀ ସ୍ପଷ୍ଟୀକରଣ କାହିଁକି ଆସୁନାହିଁ? ଯେଉଁମାନେ ସରପଞ୍ଚ ନାଟକ କରୁଛନ୍ତି ବୋଲି କହୁଛନ୍ତି, ସେମାନେ ନିଜ ଦାବି ପ୍ରମାଣିତ କରିବାରେ ଅସମର୍ଥ କାହିଁକି? ସରକାରୀ ସ୍ତରରେ ଦୀର୍ଘଦିନର ନିରବତା ଏହାକୁ ଏକ ପ୍ରାୟୋଜିତ କାର୍ଯ୍ୟକ୍ରମ ଭଳି ପ୍ରତୀୟମାନ କରୁନାହିଁ କି?

**ରାଜ୍ୟରେ ଥମୁନି ଚାମେଲି ତାତି:** ଏହି ଘଟଣାକୁ ନେଇ ସାରା ଓଡ଼ିଶାରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି। ଦୀର୍ଘଦିନର ନିରବତା ପରେ ଆଇନ ମନ୍ତ୍ରୀ ମୁହଁ ଖୋଲି କହିଛନ୍ତି ଯେ, ସରକାରଙ୍କ ପକ୍ଷରୁ ପୁଲିସ ଓ ପ୍ରଶାସନକୁ ରିପୋର୍ଟ ମଗାଯାଇଛି ଓ ରିପୋର୍ଟ ଆଧାରରେ ଦୋଷୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ହେବ। ଅନ୍ୟପଟେ କେନ୍ଦ୍ରାପଡ଼ା ମେଡିକାଲରେ ଚାମେଲିଙ୍କୁ ଭେଟିବା ପାଇଁ ନେତାଙ୍କ ସୁଅ ଛୁଟିଛି। କଂଗ୍ରେସ, ସିଭିଲ୍ ସୋସାଇଟି ଓ ବିଜେପି ନେତା ଡଃ ସୌଭାଗ୍ୟ ପରିଡ଼ାଙ୍କ ପକ୍ଷରୁ ମହାକାଳପଡ଼ା ଥାନା ଘେରଉ କରାଯାଇଛି। ପିସିସି ସଭାପତି ଭକ୍ତଚରଣ ଦାସ, ମହିଳା କଂଗ୍ରେସ କମିଟି, ରାଜ୍ୟ ସରପଞ୍ଚ ସଂଘ, ଅତନୁ ସବ୍ୟସାଚୀ ନାୟକ ଓ ରାଜନଗର ବିଧାୟକ ଧ୍ରୁବ ସାହୁ ଚାମେଲିଙ୍କୁ ଭେଟି ନ୍ୟାୟ ଦାବି କରିଛନ୍ତି। ଆଜି ମହିଳା ବିଜୁ ଜନତା ଦଳ ଓ କେନ୍ଦ୍ରାପଡ଼ା ବିଧାୟକ ଗଣେଶ୍ୱର ବେହେରା ମଧ୍ୟ ଏସ୍‌ପି ଓ ଜିଲ୍ଲାପାଳଙ୍କୁ ଭେଟି ୪ ଦଫା ଦାବିପତ୍ର ପ୍ରଦାନ କରିଛନ୍ତି। ଚାମେଲି ନିଜେ ମହାକାଳପଡ଼ା ବିଧାୟକଙ୍କ ଇସ୍ତଫା ଦାବି କରିବା ସହ ମୁଖ୍ୟମନ୍ତ୍ରୀଙ୍କୁ ଭେଟି ସମସ୍ତ ପ୍ରମାଣ ଦେବେ ବୋଲି କହିଛନ୍ତି। ରାଜନୀତି ଆଜି କୂଟନୀତିରେ ପରିଣତ ହୋଇଛି, ଯେଉଁଠି ଦେଶ ବା ମାଟି ପାଇଁ କାହାରି ଚିନ୍ତା ନାହିଁ। ବୁଦ୍ଧିଜୀବୀ ନିରବଦ୍ରଷ୍ଟା ସାଜିଥିବାବେଳେ ପ୍ରତିବାଦ କେବଳ ଟିଭି ଓ ପେପରରେ ମୁହଁ ଦେଖାଇବା ଭିତରେ ସୀମିତ ହୋଇଯାଇଛି। ଚାମେଲି ଓଝାଙ୍କ ଭଳି ଜଣେ ସାହସୀ ଝିଅ ଯିଏ ଲୋକଙ୍କ ସେବା କରିବାକୁ ଆଗକୁ ଆସିଥିଲେ, ତାଙ୍କୁ ରାଜନୈତିକ ଚକ୍ରବ୍ୟୂହରେ ବଳି ପକାଯିବା ଅତ୍ୟନ୍ତ ନିନ୍ଦନୀୟ। ଜନତାର ସରକାର କୁହାଯାଉଥିବା ମୋହନ ସରକାରଙ୍କ ପାଖରେ ଏବେ ସମଗ୍ର ଓଡ଼ିଶାବାସୀଙ୍କ ଏତିକି ଅନୁରୋଧଏହି ଝିଅକୁ କୋର୍ଟ-କଚେରୀ ଓ ଜେଲରୁ ମୁକ୍ତି ମିଳୁ। ତାଙ୍କୁ ସୁରକ୍ଷା ଦିଆଯାଉ ଓ ସଠିକ୍ ନ୍ୟାୟ ପ୍ରଦାନ କରାଯାଉ। ନଚେତ୍ ଆଗାମୀ ଦିନରେ କୌଣସି ସାଧାରଣ ଝିଅ ନେତୃତ୍ୱ ନେବାକୁ ଆଗକୁ ଆସିବାକୁ ସାହସ କରିବ ନାହିଁ।

## ● ଚାମେଲି ଓଝାଙ୍କ ଗିରଫକୁ ବିଜେଡିର ବିରୋଧ
# ଜିଲ୍ଲାପାଳ ଓ ଏସ୍‌ପିଙ୍କୁ ଭେଟି ରଖିଲା ୪ ଦଫା ଦାବି



କେନ୍ଦ୍ରାପଡ଼ା,୧୪।୬(ସମିସ): ତିଖିରୀ ପଞ୍ଚାୟତର ଚର୍ଚ୍ଚିତ ସରପଞ୍ଚ ଚାମେଲି ଓଝାଙ୍କ ଗିରଫ ଘଟଣାକୁ ନେଇ ବିଜୁ ଜନତା ଦଳ ପକ୍ଷରୁ ଆନ୍ଦୋଳନାତ୍ମକ ତତ୍ପରତା ଜାରି ରହିଛି। ରାଜ୍ୟସ୍ତରୀୟ ନେତୃବୃନ୍ଦ ଓ ସ୍ଥାନୀୟ ନେତାଙ୍କୁ ନେଇ ଗଠିତ ଏକ ପ୍ରତିନିଧି ଦଳ କେନ୍ଦ୍ରାପଡ଼ା ଜିଲ୍ଲାପାଳ ରଘୁରାମ ଆର୍. ଆୟର ଓ ଏସ୍‌ପିଙ୍କୁ ଭେଟି ଚାମେଲି ଓଝାଙ୍କ ଗିରଫଦାରୀ ଓ ତାଙ୍କ ପକ୍ଷରୁ ଦାଖଲ ହୋଇଥିବା ଏଫ୍‌ଆଇଆର୍ ସମ୍ପର୍କରେ ବିସ୍ତୃତ ଆଲୋଚନା କରିଛି। ରାଜ୍ୟ ଛାତ୍ର ବିଜେଡି ସଭାନେତ୍ରୀ ଇପ୍‌ସିତା ସାହୁଙ୍କ ନେତୃତ୍ୱରେ ଆସିଥିବା ପ୍ରତିନିଧି ଦଳରେ ପୂର୍ବତନ ରାଜ୍ୟ ମହିଳା କମିଶନ ଅଧ୍ୟକ୍ଷା ମିନତୀ ବେହେରା, କେନ୍ଦ୍ରାପଡ଼ା ବିଧାୟକ ଗଣେଶ୍ୱର ବେହେରା, ପୌରାଧ୍ୟକ୍ଷା ସରିତା ସାହୁ, ଜିଲ୍ଲା ପରିଷଦ ଅଧ୍ୟକ୍ଷା ଲିଲିତା ଦାସ, ଜିଲ୍ଲା ବିଜେଡି ସଭାପତି ଶିବପ୍ରସାଦ ଭଳ, ଜିଲ୍ଲା ଯୁବ ବିଜେଡି ସଭାପତି ରାଜେଶ ଦାସ, ଜ୍ୟୋତିର୍ମୟୀ ପରିଡ଼ା, ପଟ୍ଟାମୁଣ୍ଡାଇର ବିଜେଡି ନେତ୍ରୀ ରିଜୱାନା ବେଗମ, ସ୍ୱରାଜଲକ୍ଷ୍ମୀ ସାମଲଙ୍କ ସମେତ ବହୁ ନେତୃବୃନ୍ଦ ସାମିଲ ହୋଇଥିଲେ। ଚାମେଲି ଓଝାଙ୍କ ଗିରଫଦାରୀକୁ ବେଆଇନ ବୋଲି ଦର୍ଶାଇବା ସହ ତାଙ୍କ ପକ୍ଷରୁ ଦାଖଲ ହୋଇଥିବା ଅଭିଯୋଗ ଉପରେ ଏ ପର୍ଯ୍ୟନ୍ତ କୌଣସି ପଦକ୍ଷେପ ଗ୍ରହଣ କରାଯାଇ ନ ଥିବା ନେଇ ବିଜେଡି ନେତୃବୃନ୍ଦ ପ୍ରଶ୍ନ ଉଠାଇଥିଲେ। ଏ ଅବସରରେ ବିଜେଡି ପକ୍ଷରୁ ପ୍ରଶାସନ ଆଗରେ ଚାରି ଦଫା ଦାବି ରଖାଯାଇଥିଲା। ଚାମେଲି ଓଝାଙ୍କ ବିରୋଧରେ ଲାଗିଥିବା ଦଫାକୁ କୋହଳ କରିବା, ତାଙ୍କୁ ଉନ୍ନତମାନର ଚିକିତ୍ସା ସୁବିଧା ଯୋଗାଇ ଦେବା, ଚାମେଲିଙ୍କ ଏଫ୍‌ଆଇଆର୍ ଆଧାରରେ ତୁରନ୍ତ ତଦନ୍ତ ଓ କାର୍ଯ୍ୟାନୁଷ୍ଠାନ, ଘଟଣାରେ ସମ୍ପୃକ୍ତ ପୁଲିସ ଓ ବିଡିଓଙ୍କ ବିରୋଧରେ ପଦକ୍ଷେପ ଗ୍ରହଣ କରିବାକୁ ଦଳ ଦାବି କରିଛି। ଅନ୍ୟପକ୍ଷରେ ଚିକିତ୍ସାଧୀନ ଥିବା ଚାମେଲି ଓଝାଙ୍କୁ ହସ୍‌ପିଟାଲରେ ବିଜେଡି ପ୍ରତିନିଧି ଦଳ ଭେଟି ତାଙ୍କ ସ୍ୱାସ୍ଥ୍ୟାବସ୍ଥା ସମ୍ପର୍କରେ ପଚାରି ବୁଝିଥିଲେ। ପ୍ରଥମ ରଜ ଅବସରରେ ଚାମେଲିଙ୍କ ମା' ଭାରତୀ ଓଝା ତାଙ୍କ ପାଇଁ ନୂଆ ପୋଷାକ ଆଣିଥିବାବେଳେ ହସ୍‌ପିଟାଲ ବେଡ୍‌ରେ ଥାଇ ମଧ୍ୟ ଚାମେଲି ନୂଆ ପୋଷାକ ପିନ୍ଧି ରଜ ପାଳନ କରିଥିଲେ। ରଜ ସମ୍ପର୍କରେ ପଚାରିବାରୁ ତାଙ୍କ ମୁହଁରେ ହସ ଫୁଟି ଉଠିଥିବା ଦେଖିବାକୁ ମିଳିଥିଲା। ଗତ ୧୦ ତାରିଖରେ ମହାକାଳପଡ଼ା ବିଡିଓଙ୍କ କାର୍ଯ୍ୟାଳୟରେ ହୋଇଥିବା ଏକ ବିବାଦ ପରେ ପୁଲିସ ଚାମେଲି ଓଝା ଓ ତାଙ୍କ ଭାଇ ସୂର୍ଯ୍ୟକାନ୍ତ ଓଝାଙ୍କୁ ଗିରଫ କରିଥିଲା। ପରେ ଏହି ଘଟଣାକୁ ନେଇ ରାଜନୈତିକ ମହଲରେ ଚର୍ଚ୍ଚା ଜୋର ଧରିଥିବାବେଳେ ବିଜେଡି ପକ୍ଷରୁ ଚାମେଲି ଓଝାଙ୍କ ସମର୍ଥନରେ ଲଗାତର ସ୍ୱର ଉଠାଯାଉଛି। ବର୍ତ୍ତମାନ ଚାମେଲି ଓଝାଙ୍କ ସ୍ୱାସ୍ଥ୍ୟାବସ୍ଥା ପୂର୍ବ ଅପେକ୍ଷା ଭଲ ଥିବା ଜଣାପଡ଼ିଥିବାବେଳେ ତାଙ୍କ ପକ୍ଷରୁ ଦାଖଲ ହୋଇଥିବା ଏଫ୍‌ଆଇଆର୍ ଆଧାରରେ କେବେ ଓ କିଭଳି କାର୍ଯ୍ୟାନୁଷ୍ଠାନ ହେଉଛି, ତାହା ଉପରେ ଏବେ ସମସ୍ତଙ୍କ ନଜର ରହିଛି।

## ଆରମ୍ଭ ହେଲା ଅର୍ଦ୍ଧାମୂଳ ରଜ ମହୋତ୍ସବ



ଡେରାବିଶ, ୧୪।୬(ସମିସ): ଯଅଁରାବାରିମୂଳ ପଞ୍ଚାୟତ ଅନ୍ତର୍ଗତ ଅର୍ଦ୍ଧାମୂଳସ୍ଥ ଜେନାମଣି ପ୍ରାଥମିକ ବିଦ୍ୟାଳୟ ପ୍ରାଙ୍ଗଣରେ ଆରମ୍ଭ ହୋଇଛି ଅର୍ଦ୍ଧାମୂଳ ରଜ ମହୋତ୍ସବ। ତିନିଦିନ ଧରି ଅନୁଷ୍ଠିତ ହେବାକୁ ଥିବା ଏହି ମହୋତ୍ସବରେ ଅଞ୍ଚଳର ଶହ ଶହ କୁନିକୁନି ପିଲା ଓ କିଶୋରୀ ବାଳିକା ରଜଦୋଳିର ଭରପୂର ମଜା ନେଇଛନ୍ତି। ଏଥିସହିତ ୭ରୁ ୭୦ ବୟସର ଲୋକ ସ୍ୱତନ୍ତ୍ର ରଜପାନକୁ ଉପଭୋଗ କରିଥିଲେ। ଆଜି ପୂର୍ବାହ୍ନରେ ଅନୁଷ୍ଠିତ ଅଧିବେଶନରେ ମୁଖ୍ୟଅତିଥି ଭାବେ ବିଜେଡି ରାଜ୍ୟ ସମ୍ପାଦକ ଦେବାଶିଷ ଆଚାର୍ଯ୍ୟ, ସମ୍ମାନିତ ଅତିଥି ଭାବେ ଜିଲ୍ଲା ପରିଷଦ ସଭ୍ୟ ଅରବିନ୍ଦ ମଲିକ, ବରିଷ୍ଠ ବିଜେଡି ନେତା ମନୀନ୍ଦ୍ର ପ୍ରସାଦ ରଥ ଓ ଦେବରାଜ ମହାପାତ୍ର ଯୋଗଦେଇ ଏହି ପର୍ବ ଓଡ଼ିଆ ସଂସ୍କୃତି ଓ ପରମ୍ପରାର ବାର୍ତ୍ତା ବହନ କରୁଥିବା ପ୍ରକାଶ କରିଥିଲେ। ଅପରାହ୍ନ ଅଧିବେଶନରେ ମୁଖ୍ୟଅତିଥି ଭାବେ ବିଜେପି ରାଜ୍ୟ ମୁଖପାତ୍ର ତେଜେଶ୍ୱର ପରିଡ଼ା, ମୁଖ୍ୟବକ୍ତା ଭାବେ ସ୍ମାରକ ମହାନ୍ତି, ସମ୍ମାନିତ ଅତିଥି ଭାବେ ବରିଷ୍ଠ ବିଜେପି ନେତା କଳ୍ପତରୁ ଶତପଥୀ, ସୁଶାନ୍ତ ରାଉତ, ଅୟସ ଦାସ, ଭଞ୍ଜନ ମହାନ୍ତି ପ୍ରମୁଖ ଯୋଗଦେଇ ଓଡ଼ିଆ ଘରର ଏହି ମହାନ ପରମ୍ପରାକୁ ଦୀର୍ଘଦିନ ବଞ୍ଚାଇ ରଖିଥିବାରୁ ମହୋତ୍ସବ କମିଟି କର୍ମକର୍ତ୍ତାଙ୍କୁ ସାଧୁବାଦ ଜଣାଇଥିଲେ। ପରେ ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଉଭୟ ଅଧିବେଶନରେ ଅନୁଷ୍ଠାନର କର୍ମକର୍ତ୍ତା ପ୍ରମୋଦ ପ୍ରଧାନ ସଭାପତିତ୍ୱ କରିଥିବାବେଳେ କୃଷ୍ଣଚନ୍ଦ୍ର ବଳ ଅତିଥି ପରିଚୟ ପ୍ରଦାନ କରିଥିବାବେଳେ ବେଣୁଧର ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ।

## ଈଶ୍ୱରପୁରରେ ରଜ ଉତ୍ସବ

ରାଜନଗର,୧୪।୬(ସମିସ): ଓଡିଶାର ଗଣପର୍ବ ରଜ ଅବସରରେ କେନ୍ଦ୍ରାପଡା ଜିଲ୍ଲା ରାଜନଗର ବ୍ଲକ ଅନ୍ତର୍ଗତ ଈଶ୍ୱରପୁର ଗ୍ରାମରେ ରଜ ଉତ୍ସବ ଆରମ୍ଭ ହୋଇଛି। ଏ ପରିପ୍ରେକ୍ଷୀରେ କବାଡି, ବୋହୂଚୋରି, ବାଡିଖେଳ, ରଜଦୋଳି, ମେହେନ୍ଦି, ଶଙ୍ଖଫୁଙ୍କା, ଝୋଟିଚିତା, ଅଳତାଲଗା, ଡଗଡମାଳି, କାନ୍ଦଣା, ନୃତ୍ୟ, ସଂଗୀତ, ଅଭିନୟ ଆଦି ପ୍ରତିଯୋଗିତା ଆୟୋଜନ କରାଯାଉଛି। ପହିଲି ରଜରେ ସାଂସ୍କୃତିକ କାର୍ଯ୍ୟକ୍ରମ ସହ ଈଶ୍ୱରପୁର ଗ୍ରାମର ପ୍ରତିଭାବାନ୍ କଳାକାରଙ୍କୁ ନେଇ ଡ୍ରାମା ଅନୁଷ୍ଠିତ ହୋଇଛି। ଯୁବ ନାଟ୍ୟକାର ଦେବେନ୍ଦ୍ର ରାଉଳଙ୍କ ରଚନା ଓ ସୋନି ରାୟ ମନସାଙ୍କ ନିର୍ଦ୍ଦେଶନାରେ ନାଟକ "ସନିଆ ଖୋଜୁଛି ସୁନା କନିଆଁ" ପରିବେଷଣ କରାଯାଇଥିଲା। ମନୋଜ ଦେବ, କପିଳ ଦାସ ଓ ସୁରେଶ ସାହୁ ସହଯୋଗ କରିଥିଲେ। ଈଶ୍ୱରପୁର ଗ୍ରାମବାସୀଙ୍କ ଉଦ୍ୟମରେ ଆୟୋଜିତ ଏହି ରଜ ମଉଜ କାର୍ଯ୍ୟକ୍ରମ ତିନିଦିନ ବ୍ୟାପି ଅନୁଷ୍ଠିତ ହେବ। ରଜ ଉତ୍ସବରେ ଆବାଳ ବୃଦ୍ଧବନିତା ସାମିଲ୍ ହୋଇ ଆନନ୍ଦ ଉଲ୍ଲାସ ସହକାରେ ରଜପର୍ବକୁ ପାଳନ କରୁଛନ୍ତି। ଏହି ରଜ ଉତ୍ସବ କାର୍ଯ୍ୟକ୍ରମରେ ଓଡ଼ିଆ ପରମ୍ପରାକୁ ଉଜ୍ଜୀବିତ ରଖିବା ସହ ଆଗାମୀ ପିଢିକୁ ଏହା ଅନୁପ୍ରାଣିତ କରିବ ବୋଲି ଆଶାବାଦୀ ଅଛନ୍ତି ଈଶ୍ୱରପୁର ଗ୍ରାମବାସୀ।

## ବରୁଣେଶ୍ୱର ମନ୍ଦିର ପ୍ରାଙ୍ଗଣରେ ରଜ ମହୋତ୍ସବ



ରାଜନଗର,୧୪।୬(ସମିସ): ରାଜନଗର ବ୍ଲକ କେରେଡୋଗଡ଼ସ୍ଥ ବରୁଣେଶ୍ୱର ମନ୍ଦିର ପ୍ରାଙ୍ଗଣରେ ରଜ ମହୋତ୍ସବ ଆରମ୍ଭ ହୋଇଛି। ହଂସୁଆ କଳା ପ୍ରତିଷ୍ଠାନ ପକ୍ଷରୁ ୫ ବର୍ଷ ହେଲା ଏହି କାର୍ଯ୍ୟକ୍ରମ ଆୟୋଜିତ ହୋଇଆସୁଛି। ଅଧ୍ୟାପିକା ତନୁଶ୍ରୀ ମିଶ୍ରଙ୍କ ପୌରୋହିତ୍ୟରେ ରଜ ମହୋତ୍ସବ ଅନୁଷ୍ଠିତ ହୋଇଥିଲା। ଝିଅମାନେ ଦୋଳି ଖେଳିବା ସହ ପୁଚି ଖେଳରେ ଅଂଶଗ୍ରହଣ କରିଥିଲେ। ହଂସୁଆ କଳା ପ୍ରତିଷ୍ଠାନର ପ୍ରତିଷ୍ଠାତା ଓ ସମ୍ପାଦକ କାର୍ଯ୍ୟକ୍ରମର ଆଭିମୁଖ୍ୟ ସମ୍ପର୍କରେ କହିଥିଲେ। ମୁଖ୍ୟଅତିଥି ଭାବେ ବିଧାୟକ ରାଜନଗର ଧ୍ରୁବ ସାହୁ ଉତ୍ସବକୁ ଉଦ୍‌ଘାଟନ କରିଥିଲେ। କଟକ କେନ୍ଦ୍ରୀୟ ସମବାୟ ବ୍ୟାଙ୍କ ନିର୍ଦ୍ଦେଶକ ଅରୁଣ ସାହୁ, ଗୀତିକାର କୁମାର ଲିଟନ, ଜଗନ୍ନାଥ ନୋଡାଲ ହାଇସ୍କୁଲର ପ୍ରଧାନଶିକ୍ଷକ ପୂର୍ଣ୍ଣଚନ୍ଦ୍ର ପଣ୍ଡା, ଆମ୍ବ ଅଧ୍ୟକ୍ଷ କୈଳାସ ପରିଡ଼ା, ନାଟ୍ୟ ନିର୍ଦ୍ଦେଶକ ରଞ୍ଜନ ପ୍ରଧାନ ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ। ଏ ଅବସରରେ ହଂସୁଆ କଳା ପ୍ରତିଷ୍ଠାନ ପକ୍ଷରୁ ସାମ୍ବାଦିକ ତାପସ କୁମାର ପରିଡା, ବସନ୍ତ କୁମାର ହାତୀ, ଦୋଳଗୋବିନ୍ଦ ଜେନା, ତ୍ରିଲୋଚନ ଦାସ, କୃତ୍ତିବାସ ପ୍ରଧାନ, କବି ଶାନ୍ତନୁ ସ୍ୱାଇଁ ପ୍ରମୁଖଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଝିଅମାନଙ୍କ ମଧ୍ୟରେ ପୁଚି, ଝୋଟି, ସ୍କିପିଙ୍ଗ, ମ୍ୟୁଜିକ ଚେୟାର ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ପ୍ରତୀକ୍ଷା ବଳ, ପ୍ରଫୁଲ୍ଲ ଦାସ, ସୁଦର୍ଶନ ରାଉତ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ପୁଣି ଥାଇଲାଣ୍ଡରେ ଫସିଲେ ୮ ଓଡ଼ିଆ ଯୁବକ

ରାଜକନିକା,୧୪।୬(ସମିସ): ପୁଣି ବିଦେଶରେ ଫସିଲେ ୮ ଓଡ଼ିଆ ଯୁବକ। ଘରକୁ ଫେରିବାକୁ ରାଜ୍ୟ ସରକାରଙ୍କୁ କରିଛନ୍ତି ଆକୁଳ ନିବେଦନ। କେନ୍ଦ୍ରାପଡ଼ା ଜିଲ୍ଲା ରାଜକନିକା ବ୍ଲକ ଜୟନଗର ପଞ୍ଚାୟତ ଅଧୀନ ଜୟନଗରର ଜନ୍ମେଜୟ ପଲାଇ, ରାଉଲିଆର ରାମଚନ୍ଦ୍ର ରାଉତ, ଅନ୍ତପୁରର ଅଚ୍ୟୁତ ପ୍ରଧାନ, ତ୍ରୈଲୋକ୍ୟପୁର ଗ୍ରାମର ନବକିଶୋର ଭୂୟାଁ, କୁସୁନପୁରର ପରୀକ୍ଷିତ ସାହୁ, ଈଶ୍ୱରପୁର ବିଚିତ୍ର ମହାନ୍ତି, ପଟ୍ଟାମୁଣ୍ଡାଇ ଅଳପୁଆର ଚିତ୍ତରଞ୍ଜନ ମହାନ୍ତିଙ୍କ ସହ ବାହାର ରାଜ୍ୟର ଅଞ୍ଜନ ସିଂ ଅଟକ ରହିଛନ୍ତି। ଏହି ୮ ଜଣ ଶ୍ରମିକ ପରିବାରର ଦାରିଦ୍ର୍ୟତା ଦୂର କରିବାକୁ ଥାଇଲାଣ୍ଡକୁ ଦାଦନ ଖଟିବାକୁ ଯାଇଛନ୍ତି। ସେମାନଙ୍କୁ କମ୍ପାନୀ ମାଲିକ ଓମପ୍ରକାଶ ଓ ଜୟପ୍ରକାଶ ୧୦ ମାସ ହେବ ରାଜକନିକାରୁ ନେଇଥିଲେ। ଏହି ୮ ଜଣ ଯୁବକଙ୍କୁ ନେଇ କାମ କରାଇବା ପରେ ସେମାନଙ୍କୁ ମାସିକ ପରିଶ୍ରମ ନ ଦେବା, ମାଡ଼ ମାରି ଅଧିକ ସମୟ କାମ କରାଇବା, ପ୍ରତିବାଦ କଲେ ସେମାନଙ୍କୁ ପୁଲିସର ଧମକ ଦେବା, ସେମାନଙ୍କଠାରୁ ଭିସା ଛଡାଇନେଇ ଘରକୁ ନ ଛାଡିବାରୁ କୌଣସି ଉପାୟ ନ ପାଇ ଘରକୁ ଏମାନେ ଫେରିବା ପାଇଁ କେନ୍ଦ୍ରାପଡ଼ା ସାଂସଦ ଓ ରାଜ୍ୟ ସରକାରଙ୍କୁ ଭିଡିଓ ମାଧ୍ୟମରେ ଆକୁଳ ନିବେଦନ କରିଛନ୍ତି।

## ଏସ୍‌କେ ହାଇସ୍କୁଲ ପୁରାତନ ଛାତ୍ରଛାତ୍ରୀଙ୍କ ସମ୍ମିଳନୀ



ପଟ୍ଟାମୁଣ୍ଡାଇ,୧୪।୬(ସମିସ): ପଟ୍ଟାମୁଣ୍ଡାଇ ବ୍ଲକ୍ ଅନ୍ତର୍ଗତ ସିଦ୍ଧବାଲି କଖାରୁଖିଆ ହାଇସ୍କୁଲର ୨୦୦୨ ବ୍ୟାଚ୍ ଛାତ୍ରଛାତ୍ରୀଙ୍କ ସମ୍ମିଳନୀ ଓ ଗୁରୁ ପୂଜନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ପ୍ରାକ୍ତନ ପ୍ରଧାନଶିକ୍ଷକ ଅଶୋକ ଦାସଙ୍କ ପୌରୋହିତ୍ୟ ଓ ପୁରାତନ ଛାତ୍ର ଜିତେନ୍ଦ୍ର ବେହୁରା ଓ ଛାତ୍ରୀ କାଦମ୍ବିନୀ ସାମଲଙ୍କ ସଂଯୋଜନାରେ ଆୟୋଜିତ କାର୍ଯ୍ୟକ୍ରମରେ ପ୍ରଧାନଶିକ୍ଷକ ସନ୍ତୋଷ ମଲ୍ଲିକ, ପ୍ରାକ୍ତନ ପ୍ରଧାନଶିକ୍ଷକ ଅଶୋକ ଦାସ, ଶିକ୍ଷକ ଦିଲ୍ଲୀପ ଖଣ୍ଡାୟୀ, ରବୀନ୍ଦ୍ର ପାତ୍ର, ଦୟାନିଧି ନାୟକ, ଦିଲ୍ଲୀପ ପରିଡା, ପ୍ରେମାନନ୍ଦ ଦାଶ ଓ ସତ୍ୟାନନ୍ଦ ବିଶ୍ୱାଳ ପ୍ରମୁଖ ଅତିଥି ଭାବେ ଯୋଗଦେଇ ପୁରାତନ ଛାତ୍ରଛାତ୍ରୀ ଏହି ମହାନ ଶିକ୍ଷାନୁଷ୍ଠାନ ବିକାଶ ପାଇଁ ଆଗେଇ ଆସିବାକୁ ପରାମର୍ଶ ଦେଇଥିଲେ। ପୁରାତନ ଛାତ୍ରଛାତ୍ରୀ ପୂର୍ବତନ ଓ ବର୍ତ୍ତମାନର ଶିକ୍ଷକଙ୍କୁ ଫୁଲ ଚନ୍ଦନ ଦେଇ ପୂଜାର୍ଚ୍ଚନା କରିବା ସହିତ ସମ୍ବର୍ଦ୍ଧିତ କରିଥିଲେ। ପୁରାତନ ଛାତ୍ର ସତ୍ୟଜିତ ପାତ୍ର, ପ୍ରକାଶ ସାହୁ ଆଲୋକ ବାରିକ, ସତ୍ୟଜିତ ଖଣ୍ଡାୟୀ, ଜିତେନ୍ଦ୍ର ବେହୁରା, ପ୍ରିୟଙ୍କା ପାତ୍ର, କଳ୍ପନା ଧଳ, ଜୟଶ୍ରୀ ତରାଇ, ପୂର୍ଣ୍ଣିମା ରାଉତ, ଅଭିଲିପ୍ସା ପାତ୍ର ପ୍ରମୁଖ ଯୋଗଦେଇ ସ୍କୁଲ ଜୀବନର ସ୍ମୃତିଚାରଣ କରିବା ସହିତ ଏହି ମହାନ ଶିକ୍ଷାନୁଷ୍ଠାନର ବିକାଶ ପାଇଁ ଶପଥ ନେଇଥିଲେ। ପ୍ରକାଶ ସାହୁ ଧନ୍ୟବାଦ ଦେଇଥିଲେ।

## ବଜ୍ରପାତରେ ପୋଡ଼ିଗଲା ଛାତ୍ରଙ୍କ ମୁଣ୍ଡ

ରାଜନଗର, ୧୪।୬(ସମିସ): ରାଜନଗର ବ୍ଲକ ଘଡ଼ିଆମାଳ ଗ୍ରାମର ଦୈତାରୀ ସେଠୀଙ୍କ ୧୫ ବର୍ଷର ପୁଅ ମନୋରଞ୍ଜନ ସେଠୀଙ୍କ ବଜ୍ରପାତରେ ମୃତ୍ୟୁ ହୋଇଛି। ବାପା ଦୈତାରୀ ଗତ ଶୁକ୍ରବାର ଦିନ ଦାଦନ ଖଟିବାକୁ କେରଳ ଯାଇଥିବାବେଳେ ଆଜି ପହିଲି ରଜରେ ମନୋରଞ୍ଜନ ରଜରେ ଗାଁରେ ସାଙ୍ଗମାନଙ୍କ ସହ ଖେଳିବାକୁ ଯାଇଥିଲେ। ଖେଳି ସାରି ସାଢ଼େ ଗୋଟାଏ ବେଳେ ଘରକୁ ଫେରି ବୋଉକୁ ଭାତ ବାଢିବାକୁ କହି ପରିସ୍ରା ଯାଇଥିଲେ। ଘର ନିକଟ ଗଛ ନିକଟରେ ପରିସ୍ରା କରୁଥିବାବେଳେ ହଠାତ ବଜ୍ରପାତ ହୋଇଥିଲା। ବଜ୍ରପାତ ସିଧା ମନୋରଞ୍ଜନଙ୍କ ମୁଣ୍ଡ ଉପରେ ପଡିଥିଲା। ମନୋରଞ୍ଜନଙ୍କ ମୁଣ୍ଡ ପୋଡ଼ି ଯାଇଥିବାବେଳେ ସେ ସେଠାରେ ଟଳି ପଡ଼ିଥିଲେ। ନିକଟରେ ଥିବା ଦୁଇଟି ଗଛ ଫାଟିଯାଇଛି। ମନୋରଞ୍ଜନଙ୍କ ବୋଉ ଚିତ୍କାର କରି ଡାକିବା ପରେ ପଡୋଶୀ ପହଞ୍ଚି ତାଙ୍କୁ ରାଜନଗର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। ସେଠାରେ ଡାକ୍ତର ମୃତ ଘୋଷଣା କରିଥିଲେ।

## ତରାସ ହାଇସ୍କୁଲର ସୁବର୍ଣ୍ଣ ଜୟନ୍ତୀ ସମାରୋହ ଉଦ୍‌ଯାପିତ



ରାଜକନିକା,୧୪।୬(ସମିସ): ରାଜକନିକା ବ୍ଲକର ଅନନ୍ୟ ହାଇସ୍କୁଲ ଭାବେ ପ୍ରତିଷ୍ଠିତ ତରାସ ହାଇସ୍କୁଲର ତିନିଦିନିଆ ସୁବର୍ଣ୍ଣ ଜୟନ୍ତୀ ସମାରୋହ ଉଦଯାପିତ ହୋଇଯାଇଛି। ଶିକ୍ଷା, ଶିକ୍ଷକ ଓ ଶିକ୍ଷାୟତନ ବିକାଶରେ ଆମ ସରକାରଙ୍କ କେଜିରୁ ପିଜି ଯାଏ ଶିକ୍ଷାଦାନର ସଂସ୍କାର ଭବିଷ୍ୟତ ପିଢିକୁ ଏକ ସମୃଦ୍ଧ ନାଗରିକ ଦେବାରେ ସକ୍ଷମ ହେବ ବୋଲି ଆଜି ଉଦଯାପନୀ ସନ୍ଧ୍ୟାରେ ମୁଖ୍ୟଅତିଥି ଭାବେ ଯୋଗଦେଇ ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ପ୍ରକାଶ କରିଛନ୍ତି। ଗ୍ରାମ୍ୟ ଶିକ୍ଷା ବିକାଶରେ ଆମର ପୂର୍ବସୁରୀଙ୍କ ତ୍ୟାଗ ଓ ବଳିଦାନ ବର୍ତ୍ତମାନର ଜୀବନକୁ ସମୃଦ୍ଧ କରୁଥିବାରୁ ଏସବୁ ଅନୁଷ୍ଠାନର ଜୟଯାତ୍ରା ସମସ୍ତଙ୍କୁ ଉତ୍ସାହିତ କରୁଛି ବୋଲି ମୁଖ୍ୟବକ୍ତା ଭାବେ ଆଳି ବିଧାୟକ ପ୍ରତାପ କେଶରୀ ଦେବ ମତ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ଡାକ୍ତର ଆଶିଷ କୁମାର ବାରିକ, ରାଜକନିକା ବ୍ଲକ ଅଧ୍ୟକ୍ଷା ଶ୍ରୀମତୀ ମିନତୀ ରାଉତ, ତରାସ ସରପଞ୍ଚ ଶ୍ରୀମତୀ ମନୋରମା ନାୟକ ପ୍ରମୁଖ ଯୋଗଦେଇ ସୁବର୍ଣ୍ଣ ଜୟନ୍ତୀର ସଫଳତା ବେଶ ପ୍ରଭାବଶାଳୀ ବୋଲି ମତ ଦେଇଥିଲେ। ପୁରାତନ ଛାତ୍ର ସୁକାନ୍ତ ବେହେରାଙ୍କ ସଭା ପରିଚାଳନା, ସମ୍ପାଦକ ସର୍ବେଶ୍ୱର ସାମଲଙ୍କ ସମ୍ପାଦନାରେ ଆୟୋଜିତ ସମାରୋହରେ ୫୬ ବର୍ଷ ଧରି ଏହି ଅନୁଷ୍ଠାନରୁ ଶିକ୍ଷାଲାଭ କରିଥିବା ଛାତ୍ରଛାତ୍ରୀଙ୍କ ସମ୍ମୋହନରେ ପୂରି ଉଠିଥିବା ଜୟନ୍ତୀ ସମାରୋହ ସ୍ଥାନୀୟ ଅଞ୍ଚଳରେ ପ୍ରଶଂସନୀୟ ହୋଇପାରିଛି। ପ୍ରମୋଦ ନାୟକ ଧନ୍ୟବାଦ ଅର୍ପଣ କରିଥିଲେ।

## ପୁରାତନ ଛାତ୍ରଛାତ୍ରୀଙ୍କ ସମ୍ମିଳନୀ

ରାଜକନିକା,୧୪।୬(ସମିସ): ରାଜକନିକା ବ୍ଲକ୍ ଅଧୀନ ଡାଳିକାଏନ୍ଦାର ଉତ୍କଳମଣି ନୋଡାଲ ଉପ୍ରା ବିଦ୍ୟାଳୟର ୨୦୦୨ ମାଟ୍ରିକ ବ୍ୟାଚ୍ ଛାତ୍ରଛାତ୍ରୀଙ୍କ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଏହି ବ୍ୟାଚ୍‌ର ଛାତ୍ରଛାତ୍ରୀ ଏକତ୍ର ହୋଇ ନିଜ ବିଦ୍ୟାଳୟରେ ସେତେବେଳର ଗୁରୁଜୀ ଗୁରୁମାଙ୍କ ପାଦ ଧୋଇ, ବନ୍ଦାପନା କରି ଆଶୀର୍ବାଦ ନେଇଥିଲେ। ୨୩ ବର୍ଷ ପରେ ନିଜ ସାଥୀ ଓ ଗୁରୁଙ୍କୁ ପାଖରେ ପାଇ ଭାବବିହ୍ୱଳ ହୋଇଥିଲେ। ଏହି କାର୍ଯ୍ୟକ୍ରମରେ ଶିକ୍ଷକ ଓ ସାମ୍ବାଦିକଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।




## ଅଭିଯୋଗ ପରେ ବି ଶୁଣିଲାନି ଟାଟା ପାୱାର
# ମାଟିରେ ଲୋଟିଲା ୧୧ କେଭି ବିଦ୍ୟୁତ୍ ଖୁଣ୍ଟ

ରାଜକନିକା,୧୪।୬(ସମିସ)



ରାଜକନିକା ବିଦ୍ୟୁତ୍ ସେକ୍ସନ ଓସ୍ତିଆ ଫିଡ଼ର ଅଧୀନ ଗୋପାଳପୁର ଗାଁ ରାସ୍ତା ପାଖ ଦେଇଯାଇଥିବା ୧୧ କେଭି ବିଦ୍ୟୁତ୍ ଖୁଣ୍ଟ ଅଧା ଶୋଇ ପଡୁଥିବା ଦେଖି ସ୍ଥାନୀୟ ଲୋକଙ୍କ ପକ୍ଷରୁ ଏହାକୁ ସଳଖିବା ପାଇଁ ଦାବି କରାଯାଇଥିଲା। ତେବେ ଅନଲାଇନ ମାଧ୍ୟମରେ ହେଉ କି ଅଫଲାଇନ ଅଭିଯୋଗ ହେଉ ରାଜକନିକା ବିଦ୍ୟୁତ ସେକ୍ସନ କୌଣସି ଅଭିଯୋଗକୁ ଗୁରୁତ୍ୱ ନ ଦେଇ ଚିରାଚରିତ ଢଙ୍ଗରେ କାର୍ଯ୍ୟ କରୁଥିବାରୁ ଏହି ବିପଦସଂକୁଳ ବିଦ୍ୟୁତ ଖୁଣ୍ଟ ଆଜି ଝଡ଼ ପବନରେ ମାଟିରେ ଲେଟିଛି। ଝଡ଼ ପବନ ପାଇଁ ଲାଇନ କାଟି ଦିଆଯାଇଥିବାବେଳେ ଖୁଣ୍ଟ ଶୋଇ ପଡ଼ିବାରୁ ବଡ଼ଧରଣର ଅଘଟଣରୁ ଲୋକେ ବର୍ତ୍ତିଯାଇଛନ୍ତି। ତେବେ ଏହି ଖୁଣ୍ଟ ଉପୁଡ଼ିବା ପରେ ପଙ୍କ, ଗୋପାଳପୁର ଓ ଶୁକଦେଇପୁର ଗ୍ରାମର ୫ ଶହରୁ ଉର୍ଦ୍ଧ୍ୱ ଗ୍ରାହକ ବିଜୁଳି ସେବା ପାଇବାରୁ ବଞ୍ଚିତ ହୋଇଛନ୍ତି। ଏଥିସହ ପଙ୍କ-ଗୋପାଳପୁର ମୁଖ୍ୟ ରାସ୍ତାରେ ଏହି ଖୁଣ୍ଟ ଶୋଇ ରହିଥିବାରୁ ଯାତାୟାତ ମଧ୍ୟ ପ୍ରଭାବିତ ହୋଇଛି। ଲୋକଙ୍କ ସରକାରରେ ବିଜୁଳି ସେବାକୁ ବ୍ୟବସ୍ଥିତ କରିବା ସହ ଦ୍ରୁତ ପଦକ୍ଷେପ ନେଉଥିବା କୁହାଯାଉଥିଲେ ହେଁ ରାଜକନିକା ସେକ୍ସନରେ ଏହାର ପ୍ରଭାବ ନ ପଡ଼ିବା ଏହା ସଦ୍ୟତମ ଉଦାହରଣ ପାଲଟିଛି। ବିନୋଦ ନାୟକ ନାମକ ଜଣେ ସଚେତନ ଗ୍ରାହକ ଏହି ବିପଦସଂକୁଳ ଖୁଣ୍ଟକୁ ସଜାଡ଼ିବାକୁ ଦାବି କରିବାର ୬ ଦିନ ପରେ ଖୁଣ୍ଟ ଝଡ଼ ପବନରେ ଶୋଇବା ଭଳି ଘଟଣା ରାଜକନିକା ଟିପିସିଓଏଲର ଉତ୍ତରଦାୟିତ୍ୱ ନେଇ ପ୍ରଶ୍ନ ସୃଷ୍ଟି କରିଛି। ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ ଏଭଳି ଅବହେଳା ବିରୋଧରେ ଦ୍ରୁତ କାର୍ଯ୍ୟାନୁଷ୍ଠାନ ପାଇଁ ଏ ଅଞ୍ଚଳର ଶହ ଶହ ଗ୍ରାହକ ଦାବି କରିଛନ୍ତି।

## ମୁକୁନ୍ଦପୁରରେ ବାଦୀପାଲା

ଡେରାବିଶ,୧୪।୬(ସମିସ): ଡେରାବିଶ ବ୍ଲକ୍ ମୁକୁନ୍ଦପୁର ପଞ୍ଚାୟତ ଅନ୍ତର୍ଗତ ଶ୍ରୀଧରପୁର-ଡାବଳ ଗ୍ରାମର ସତ୍ୟନାରାୟଣ ପାଲା ସମିତି ପକ୍ଷରୁ ବାଦୀପାଲା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ବିଜେପି ରାଜ୍ୟ ପ୍ରବକ୍ତା ତେଜେଶ୍ୱର ପରିଡ଼ା ମୁଖଅତିଥି ଭାବେ ଯୋଗଦେଇ ଉତ୍ସବକୁ ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବେ ସମାଜସେବୀ ସୁଶାନ୍ତ ରାଉତ, ଅୟସ ଦାସ, ଅଞ୍ଜନ ମହାନ୍ତି ଯୋଗ ଦେଇଥିଲେ। ସ୍ମାରକ ମହାନ୍ତି ମଞ୍ଚ ସଂଯୋଜନା କରିଥିଲେ। ଢେଙ୍କାନାଳର ଗାୟିକା ଲିପିକା ବେହେରା ଓ ଜଗତସିଂହପୁରର ଗାୟିକା ଭାରତୀ ବେହେରାଙ୍କ ମଧ୍ୟରେ ବାଦୀପାଲା ପରିବେଷଣ ହୋଇଥିଲା। ଅନୁଷ୍ଠାନର ମୁଖ୍ୟ ଉପଦେଷ୍ଟା ବାବାଜୀ ଚରଣ ମଲିକଙ୍କ ସମେତ କମଳାକାନ୍ତ ମଲିକ, ଅଶୋକ ମଲିକ, ରଞ୍ଜନ ମଲିକ, ଗୌତମ ମଲିକ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

ସକାଳ THE SAKALA



www.sakalaepaper.com

**ଖୋଲାମେଲାରେ ବୁଲୁଛନ୍ତି ପର୍ଯ୍ୟଟକ**

# ପାରାଦୀପ ବେଳାଭୂମିରେ ନାହିଁ କଟକଣା

ପାରାଦୀପ,୧୪।୬(ସମିସ)



ପାରାଦୀପ ବେଳାଭୂମିରେ ପର୍ଯ୍ୟଟକ ସୁରକ୍ଷିତ ନୁହନ୍ତି। ଖୋଲା ମେଲାରେ ବୁଲୁଛନ୍ତି ପର୍ଯ୍ୟଟକ। କେହିବି ଏଥିପ୍ରତି ନଜର ପକାଉ ନଥିବା ଅଭିଯୋଗ ହୋଇଛି। ଯାହା ଆଜି ପ୍ରଥମ ରଜରେ ହିଁ ଦେଖିବାକୁ ମିଳିଥିଲା। ଆଜି ଅପରାହ୍ନ ୪ରୁ ୫ଟା ସମୟରେ ପାରାଦୀପ ଅଞ୍ଚଳର ଜଣେ ସମାଜସେବୀ ଅମ୍ବିକା ପ୍ରସାଦ ମହାପାତ୍ର ତାଙ୍କ ସମ୍ପର୍କୀୟମାନଙ୍କ ସହ ପାରାଦୀପ ବେଳାଭୂମିକୁ ବୁଲି ଯାଇଥିବା ବେଳେ ପର୍ଯ୍ୟଟକମାନେ ଖୋଲାମେଲାରେ ବୁଲୁଥିବାର ଦୃଶ୍ୟ ତାଙ୍କର ନଜରକୁ ଆସିଥିଲା। ଏହାକୁ ଦେଖି ଶ୍ରୀ ମହାପାତ୍ର ଅଶ୍ଚର୍ଯ୍ୟ ପ୍ରକଟ କରିବା ସହ ପର୍ଯ୍ୟଟକଙ୍କ ସୁରକ୍ଷା ନେଇ ପ୍ରଶ୍ନ ଉଠାଇଛନ୍ତି।

ଆଜିଠୁ ରଜପର୍ବ ଆରମ୍ଭ ହୋଇଛି। ଏହି ଅବସରରେ ପ୍ରାୟ ହଜାରରୁ ଦେଢ଼ହଜାର ପର୍ଯ୍ୟଟକ ବେଳାଭୂମିରେ ଉପସ୍ଥିତ ଥାଇ ଖୋଲାମେଲାରେ ସବୁଆଡେ ବୁଲୁଥିଲେ। ଏଥିପାଇଁ କୌଣସି କଟକଣା ଦେଖିବାକୁ ମିଳି ନଥିଲା। ଅନେକ ପର୍ଯ୍ୟଟକ ସମୁଦ୍ରର ଗଭୀର ଜଳକୁ ପ୍ରବେଶ କରି ଗାଧୋଇବାରେ ମଗ୍ନ ଥିଲେ। କିନ୍ତୁ ସମୁଦ୍ରର ପ୍ରବଳ ଅନ୍ତଃସ୍ରୋତ ଓ ବିପଦ ସମ୍ପର୍କରେ ସେମାନେ କୌଣସି ସଚେତନ ନଥିଲେ କିମ୍ବା ସେଠାରେ ସେମାନଙ୍କୁ ସଚେତନତା କରାଇବା କିମ୍ବା ବାରଣ କରିବାକୁ ନା ପୁଲିସ ଥିଲେ ନା ପ୍ରଶାସନ ପକ୍ଷରୁ ସୁରକ୍ଷା କର୍ମୀ କେହିଥିଲେ। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଲା ସମୁଦ୍ର ବେଳାଭୂମିରେ ଏକ ନିର୍ଦ୍ଦିଷ୍ଟ ବେସରକାରୀ ସଂସ୍ଥା ପକ୍ଷରୁ ଆୟୋଜିତ ହୋଇଥିବା ରଜ ମହୋତ୍ସବରେ ମଧ ହଜାର ହଜାର ଦର୍ଶକ ବୁଲିବାକୁ ଆସୁଛନ୍ତି। ହେଲେ ସେହି ସଂସ୍ଥା ପକ୍ଷରୁ କୌଣସି ସୁରକ୍ଷା କର୍ମୀ ଯୋଗାଇବା ପଦକ୍ଷେପ ନିଆଯାଇ ନାହିଁ। ଯାହା ଫଳରେ ଅପରାହ୍ନ ୪ଟାରୁ ସେହି ବେଳାଭୂମି ସ୍ଥାନ ଧୀରେ ଧୀରେ ଭିଡ ଜମୁଛି। ବୁଲିବାକୁ ଆସୁଥିବା ଦର୍ଶକମାନେ ମଧ କୌଣସି କଟକଣା ନ ମାନି ଅବାଧରେ ସମୁଦ୍ର କୂଳରେ ବୁଲାବୁଲି କରୁଛନ୍ତି। ଗତ ବର୍ଷ ଭଳି କୌଣସି ଅଘଟଣ ଘଟିବାର ଆଶଙ୍କା ଥିବା ସତ୍ତ୍ୱେ ବେଳାଭୂମିରେ ପର୍ଯ୍ୟାପ୍ତ ସୁରକ୍ଷା କର୍ମୀ କିମ୍ବା ପୁଲିସ ନଜରଦାରି ଦେଖିବାକୁ ମିଳିନଥିଲା। ଏଭଳି କାର୍ଯ୍ୟକଳାପ ଦେଖି ସମାଜସେବୀ ଶ୍ରୀ ମହାପାତ୍ର ପର୍ଯ୍ୟଟକଙ୍କୁ ସଚେତନ କରିଥିଲି। କିନ୍ତୁ ସେମାନେ ତାହାକୁ ଗୁରୁତ୍ୱ ଦେଇନଥିଲେ। ଯାହାକୁ ନେଇ ଶ୍ରୀ ମହାପାତ୍ର ଉଦ୍‌ବେଗ ପ୍ରକାଶ କରିଛନ୍ତି। ତେଣୁ ପର୍ଯ୍ୟଟକଙ୍କ ଜୀବନ ସୁରକ୍ଷା ଦୃଷ୍ଟିରୁ ରଜ ଛୁଟି ସମୟରେ ପାରାଦୀପ ବେଳାଭୂମିରେ ଲାଇଫଗାର୍ଡ, ପୁଲିସ ନିୟୋଜନ ଏବଂ ସଚେତନତା ବ୍ୟବସ୍ଥାକୁ ଆହୁରି ସୁଦୃଢ କରିବା ପାଇଁ ସେ ପ୍ରଶାସନଙ୍କୁ ଅନୁରୋଧ କରୁଛନ୍ତି। ତା' ସହିତ ଏହି ପାରାଦୀପ ବେଳାଭୂମି ସୁରକ୍ଷା ଦାୟିତ୍ୱରେ ଥିବା ଜଟାଧାରୀ ମୁହାଣ ମେରାଇନ ଥାନା ସୁରକ୍ଷାକୁ କଡ଼ାକଡ଼ି କରିବା ସହିତ ୨୪ ଘଣ୍ଟିଆ ପାଟ୍ରୋଲିଂ ବ୍ୟବସ୍ଥା ଜାରି ରଖିବାକୁ ଦାବି କରିଛନ୍ତି।

## ବାଲ୍ୟ ବିବାହ ନିଷେଧ ସଚେତନତା କାର୍ଯ୍ୟକ୍ରମ




ଜଗତସିଂହପୁର,୧୪।୬(ସମିସ): ଜଗତସିଂହପୁର ଜିଲ୍ଲା ଆଇନ ସେବା ପ୍ରାଧିକରଣ ତରଫରୁ ଅତିରିକ୍ତ ଜିଲ୍ଲା ଓ ଦୌରାଜଜ୍ ବିଭୂପ୍ରସାଦ ପଣ୍ଡାଙ୍କ ନିର୍ଦ୍ଦେଶ କ୍ରମେ ରଘୁନାଥପୁର ବ୍ଲକ ଅନ୍ତର୍ଗତ କୁଆମଙ୍ଗା ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଆଶା ଯୋଜନା- ୨୦୨୩ର ବାଲ୍ୟବିବାହ ନିରାକରଣ ପାଇଁ ଏକ ସଚେତନତା କାର୍ଯ୍ୟକ୍ରମ କରାଯାଇଛି। ଏହି କାର୍ଯ୍ୟକ୍ରମରେ ଆଇନ ସେବା ପ୍ରାଧିକରଣ ସଚିବ ବିଡିଡି ଚନ୍ଦନା ବାଲ୍ୟ ବିବାହ ନିରାକରଣ ପାଇଁ ଉଦ୍ଦିଷ୍ଟ ବିଭିନ୍ନ ଆଇନ ବିଷୟରେ ଅବଗତ କରାଇଥିଲେ। ଅନୁସଚିତ ଜାତି, ଜନଜାତି, ମହିଳା, ଦଙ୍ଗା ପୀଡ଼ିତ, କଳକାରଖାନାରେ କାମ କରୁଥିବା ଶ୍ରମିକ, ବାର୍ଷିକ ତିନି ଲକ୍ଷ ଟଙ୍କା ବା ତା'ଠାରୁ କମ ରୋଜଗାର କରୁଥିବା ବ୍ୟକ୍ତି ଓ ବରିଷ୍ଠ ନାଗରିକ ବିନା ମୂଲ୍ୟରେ ଆଇନସେବା ପାଇପାରିବେ ବୋଲି ଜଣାଇଥିଲେ। କିଛି ସମସ୍ୟାର ସମ୍ମୁଖିନ ହେଲେ ୧୫୧୦୦ ନିଶୁଳ୍କ ନମ୍ବରରେ ଯୋଗାଯୋଗ କରିପାରିବେ ଏବଂ ଜିଲ୍ଲା ଆଇନ ସେବା ପ୍ରାଧିକରଣ ସହିତ ଯୋଗାଯୋଗ କରି ମାଗଣା ଆଇନ ସେବା ପାଇପାରିବେ ବୋଲି କହିଥିଲେ। ଏହି କାର୍ଯ୍ୟକ୍ରମରେ ବିଦ୍ୟାଳୟର ଶିକ୍ଷକ, ଶିକ୍ଷୟିତ୍ରୀ, ପାରାଲିଗାଲ ସ୍ୱେଚ୍ଛାସେବୀ ଏବଂ ଗ୍ରାମବାସୀ ଉପସ୍ଥିତ ଥିଲେ।

## ରେଡିଓ ଆଉଟରିଚର ରଜ ମହୋତ୍ସବ



ଏରସମା,୧୪।୬(ସମିସ): ଓଡ଼ିଆ ଜାତିର ଗଣପର୍ବ ରଜର ପାରମ୍ପରିକତା, ଲୋକକଳା ଓ ଗ୍ରାମୀଣ ସଂସ୍କୃତିକୁ ଜୀବନ୍ତ ରଖିବା ଉଦ୍ଦେଶ୍ୟରେ ରେଡିଓ ଆଉଟରିଚ ପକ୍ଷରୁ ଆୟୋଜିତ ତିନିଦିନିଆ ରଜ ମହୋତ୍ସବ ରବିବାର ତିର୍ତ୍ତୋଲ ବ୍ଲକର ଶ୍ରୀରାମପୁରସ୍ଥିତ ପଞ୍ଚମୁଖୀ ମନ୍ଦିର ପରିସରରେ ଧୁମଧାମରେ ଆରମ୍ଭ ହୋଇଛି। ରେଡିଓ ଆଉଟରିଚର କେନ୍ଦ୍ର ନିର୍ଦ୍ଦେଶକ ସୁବ୍ରତ କୁମାର ପତି ଉତ୍ସବର ଶୁଭାରମ୍ଭ କରିଥିଲେ। ଉଦ୍‌ଘାଟନୀ ସନ୍ଧ୍ୟାରେ ବରଗଡ଼ର ସରଗମାଲି ସାଂସ୍କୃତିକ ଅନୁଷ୍ଠାନର କଳାକାରମାନେ ଢୋଲ, ନିଶାନ ଓ ତାଶାର ତାଳେ ତାଳେ ଆକର୍ଷଣୀୟ ସମ୍ବଲପୁରୀ ନୃତ୍ୟ ପରିବେଶଣ କରି ଦର୍ଶକଙ୍କ ମନ ଜିତିଥିଲେ। ଏହାସହ ସ୍ଥାନୀୟ କଳାକାରମାନଙ୍କ ରଜ ଗୀତ ଓ ଲୋକନୃତ୍ୟ ପରିବେଶନ ଉତ୍ସବକୁ ଅଧିକ ଜୀବନ୍ତ କରିଥିଲା। ରଜ ପର୍ବର ନିଜସ୍ୱ ପରମ୍ପରାକୁ ଆଗକୁ ବଢ଼ାଇବା ପାଇଁ କୁମାରୀ ଝିଅମାନେ ଦୋଳି ଝୁଲିବା, ପୁଚି ଖେଳ ଓ ଅନ୍ୟାନ୍ୟ ପାରମ୍ପରିକ କ୍ରୀଡ଼ାରେ ଅଂଶଗ୍ରହଣ କରିଥିଲେ। ରଙ୍ଗବେରଙ୍ଗର ପୋଷାକ ଓ ଉତ୍ସାହଭରା ଅଂଶଗ୍ରହଣ ସମଗ୍ର ପରିବେଶକୁ ଉତ୍ସବମୁଖର କରିଦେଇଥିଲା। ଆସନ୍ତା ତିନି ଦିନ ଧରି କବାଡି, କଉଡ଼ି ଓ ଅନ୍ୟାନ୍ୟ ଗ୍ରାମୀଣ ଖେଳ ସହ ବିଭିନ୍ନ ପ୍ରତିଯୋଗିତା ଆୟୋଜିତ ହେବ। ଏହାସହ ରାଜ୍ୟ ସରକାରଙ୍କ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗର ସହଯୋଗରେ ପ୍ରତି ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ ମଧ୍ୟ ପରିବେଷିତ ହେବ।

ପ୍ରଥମ ଦିନରେ ଶତାଧିକ ଦର୍ଶକଙ୍କ ସମାଗମ ଉତ୍ସବକୁ ସଫଳ କରିଥିବା ବେଳେ, ଆଗାମୀ ଦିନଗୁଡ଼ିକରେ ଅଧିକ ଲୋକଙ୍କ ଯୋଗଦାନ ହେବ ବୋଲି ଆୟୋଜକମାନେ ଆଶା ପ୍ରକାଶ କରିଛନ୍ତି। ଲୁପ୍ତପ୍ରାୟ ଲୋକକଳା, ସଂସ୍କୃତି ଓ ପର୍ବପର୍ବାଣୀର ପରମ୍ପରାକୁ ସଂରକ୍ଷଣ କରିବା ପାଇଁ ରେଡିଓ ଆଉଟରିଚର ଏହି ପ୍ରୟାସ ଆଗାମୀ ଦିନରେ ମଧ୍ୟ ଜାରି ରହିବ ବୋଲି କେନ୍ଦ୍ର ନିର୍ଦ୍ଦେଶକ ସୁବ୍ରତ କୁମାର ପତି କହିଛନ୍ତି।

## ସିଳନ୍ଦୀ ରଜ ମହୋତ୍ସବ ଜମୁଛି



ଏରସମା,୧୪।୬(ସମିସ): ସିଳନ୍ଦୀ- ଖଦୋଳ ରଜମହୋତ୍ସବ ଜମୁଛି। ଦ୍ୱିତୀୟ ସନ୍ଧ୍ୟାରେ ରଜ ମହୋତ୍ସବ କମିଟିର ସଭାପତି ପ୍ରକାଶ ଚନ୍ଦ୍ର ସାହୁଙ୍କ ସଭାପତିତ୍ୱରେ ସ୍ୱତନ୍ତ୍ର ଅତିଥି ଭାବେ ବାଲିକୁଦା ଏରସମା ବିଧାୟକ ସାରଦା ପ୍ରସନ୍ନ ଜେନା ଯୋଗଦେଇ ହଜିଯାଉଥିବା ସଂସ୍କୃତିକୁ ପୁନଃ ଫେରାଇ ଆଣିବାରେ ରଜ ପର୍ବ ଶ୍ରେଷ୍ଠ ମାଧ୍ୟମ ଓ ଏହାକୁ ପାଳନ କରିବା ପାଇଁ ମାନସିକତା ରଖିଥିବା ପ୍ରତିଷ୍ଠାତା ଶିକ୍ଷାବିତ୍ ରସାନନ୍ଦ ସାହୁ ଏବଂ ସମସ୍ତ ସଭ୍ୟଙ୍କୁ ପ୍ରଶଂସା କରିଥିଲେ। ମୁଖ୍ୟଅତିଥି ଭାବେ ଜଗତସିଂହପୁର ଏଡିଏମ୍ ଜ୍ୟୋତିଶଙ୍କର ରାୟ ସଂସ୍କୃତି ବଞ୍ଚିଲେ ଦେଶ ବଞ୍ଚିବ ବୋଲି ମତ ରଖିଥିଲେ। ମୁଖ୍ୟବକ୍ତା ପ୍ରାବନ୍ଧିକ ମହେନ୍ଦ୍ର କୁମାର ଆଚାର୍ଯ୍ୟ ରଜର ଅନ୍ତର୍ନିହିତ ଉଦ୍ଦେଶ୍ୟ ସମ୍ପର୍କରେ ଅଭିଭାଷଣ ଦେଇଥିଲେ। ବରେଣ୍ୟ ଅତିଥି ବ୍ଲକ ଶିକ୍ଷା ମଣ୍ଡଳାଧିଶ ସୂର୍ଯ୍ୟରଞ୍ଜନ ଦାଶ, ଶିକ୍ଷାବିତ୍ ଲୋକନାଥ ବଡ଼ପଣ୍ଡା, ସମାଜସେବୀ ଜଗନ୍ନାଥ ଖଣ୍ଡୁଆଳ ଯୋଗଦେଇ ରଜ ଏକ ଅନବଦ୍ୟ ପର୍ବ ଏବଂ ଏହି ପର୍ବ ହିଁ ସଂସ୍କୃତିର ମୂଲ୍ୟାୟନ କରିବାରେ ସହାୟକ ହୁଏ ବୋଲି ମତବ୍ୟକ୍ତ କରିଥିଲେ। ଅତିଥି ପରିଚୟ କାର୍ଯ୍ୟକାରୀ ସଭାପତି ଡ. ବସନ୍ତ ମଞ୍ଜରୀ ଦାସ ପ୍ରଦାନ କରିଥିବା ବେଳେ ସମ୍ପାଦକ ସଂଗ୍ରାମ କେଶରୀ ସ୍ୱାଇଁ ସମ୍ପାଦକୀୟ ବିବରଣୀ ପ୍ରଦାନ କରିଥିଲେ। ସ୍ୱାଗତ ସମ୍ଭାଷଣ ଦେଇଥିଲେ ଉପସଭାପତି ବାବାଜୀ ମଲ୍ଲିକ। ଅତିଥିମାନଙ୍କ ଦ୍ୱାରା ସମାଜସେବୀ ମହେଶ୍ୱର ସ୍ୱାଇଁ ଓ ରତ୍ନପର୍ଣ୍ଣା ପରିଡ଼ାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସାଂସ୍କୃତିକ ସମ୍ପାଦକ ଚନ୍ଦ୍ରକାନ୍ତ ବାରିକ ଧନ୍ୟବାଦ ଅର୍ପଣ କରିଥିଲେ। ପରେ ପରେ ମଞ୍ଜରୀ କଳା ବିକାଶ ପରିଷଦ ଓ ବିଗ୍ ଷ୍ଟାର ଡ୍ୟାନ୍ସ ଗ୍ରୁପ ପକ୍ଷରୁ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିବା ବେଳେ ଏହାକୁ ପରିଚାଳନା କରିଥିଲେ ସନ୍ତୋଷ କୁମାର ସାହୁ। ସହାୟତାରେ ଥିଲେ ଉପଦେଷ୍ଟା ହେମନ୍ତ କୁମାର ନାୟକ, ସୂର୍ଯ୍ୟକାନ୍ତ ମହାନ୍ତି, କିଶୋର କୁମାର ଦାସ, ସତ୍ୟବ୍ରତ ନାୟକ, ଆଲୋକ ନାୟକ,ରୁଦ୍ର ପ୍ରସାଦ ଦାସ, ସଂଗ୍ରାମ ସାହୁ, ସାଗର ସାହୁ, ଅମରଜ୍ୟୋତି ସାହୁ, ନବଜ୍ୟୋତି ଦାସ ପ୍ରମୁଖ। ଉପଦେଷ୍ଟା ନିରଞ୍ଜନ ବିଶ୍ୱାଳ ଧନ୍ୟବାଦ ଦେଇଥିଲେ।

## ପ୍ରବାସୀ ଶ୍ରମିକଙ୍କୁ ସଚେତନତା କାର୍ଯ୍ୟକ୍ରମ




ଜଗତସିଂହପୁର,୧୪।୬(ସମିସ): ଜଗତସିଂହପୁର ଜିଲ୍ଲା ଆଇନ ସେବା ପ୍ରାଧିକରଣ ତରଫରୁ ଅତିରିକ୍ତ ଜିଲ୍ଲା ଓ ଦୌରାଜଜ୍ ବିଭୂ ପ୍ରସାଦ ପଣ୍ଡାଙ୍କ ନିର୍ଦ୍ଦେଶ କ୍ରମେ ସାଂପୁର ପଞ୍ଚାୟତ କାର୍ଯ୍ୟାଳୟରେ ପ୍ରବାସୀ ଶ୍ରମିକଙ୍କ ବିଭିନ୍ନ ସମସ୍ୟା ବିଷୟରେ ଏକ ସଚେତନତା କାର୍ଯ୍ୟକ୍ରମ କରାଯାଇଥିଲା। ସହକାରୀ ଶ୍ରମ ଅଧିକାରୀ ଅତିଥି ପରିଚୟ ପ୍ରଦାନ କରି ନିଜର ବକ୍ତବ୍ୟ ରଖିଥିଲେ। ଜିଲ୍ଲା ଆଇନ ସେବା ପ୍ରାଧିକରଣର ସଚିବ ବିଡିଡି ଚନ୍ଦନା ପ୍ରବାସୀ ଶ୍ରମିକମାନଙ୍କ ସମସ୍ୟା ବିଷୟରେ ଆଲୋଚନା କରିଥିଲେ। ମାଗଣାରେ କିପରି ଆଇନ ସେବା ଜିଲ୍ଲା ଆଇନ ସେବା ପ୍ରାଧିକରଣରୁ ପାଇପାରିବେ ସେ ବିଷୟରେ ଆଲୋକପାତ କରିଥିଲେ। ସାଂପୁର ପଞ୍ଚାୟତର ସରପଞ୍ଚ ଧନ୍ୟବାଦ ପ୍ରଦାନ କରିଥିଲେ।

## ବ୍ରାଉନ୍ ସୁଗର ଜବତ; ଜଣେ ଗିରଫ




ପାରାଦୀପ,୧୪।୬(ସମିସ): ପାରାଦୀପ ଲକ୍ ଥାନା ଅଧୀନ ପାରାଦୀପ ଗଡ଼ ଶନି ମନ୍ଦିର ପଛପଟୁ ବେଆଇନ ଭାବେ ବ୍ରାଉନ ସୁଗର ବିକ୍ରି କରୁଥିବା ଜଣେ ଯୁବକକୁ ଆଜି ଗିରଫ କରାଯାଇଛି। ଏସଆଇ ବିନାୟକ ସିଂ ଓ ତାଙ୍କ ଟିମ୍ ପାଟ୍ରୋଲିଂ କରୁଥିଲେ। କୁସୁନ ମୁର୍ମୁ (୨୩) ଗରାଖ ଅପେକ୍ଷାରେ ଥିବା ବେଳେ ତାକୁ ଗିରଫ କରିଥିଲେ। ତା ନିକଟରୁ ୯.୧୨ ଗ୍ରାମର ବ୍ରାଉନସୁଗର ଜବତ କରିବା ସହ ୧୩ଟି ପେପର ଚିଟ୍ ଓ ନଗଦ ୧୬ ଶହ ଟଙ୍କା ଜବତ କରିଥିଲେ। ଗିରଫ ଅଭିଯୁକ୍ତର ଘର ମୟୂରଭଞ୍ଜ ଜିଲ୍ଲାର ଖୁଣ୍ଟା ଥାନା ଅନ୍ତର୍ଗତ ବସିପିଠ ଗ୍ରାମରେ ହୋଇଥିବା ବେଳେ ସେ ପାରାଦୀପ ଗଡ଼ ଅଞ୍ଚଳରେ ରହି ବିଭିନ୍ନ ନିଶା ଦ୍ରବ୍ୟ ବେପାର କରୁଥିବା ପୁଲିସ ସୂଚନା ଦେଇଛି। ତାର ବାପାଙ୍କ ନାମ ଭଗବାନ ମୁର୍ମୁ। ଏନେଇ ଥାନାରେ ଏକ ମାମଲା ରୁଜୁ କରାଯିବା ସହିତ ଅଭିଯୁକ୍ତକୁ ଆଜି କୋର୍ଟଚାଲାଣ କରାଯାଇଛି।

**ଦୁର୍ଘଟଣାରେ ଆହତ ସାମ୍ବାଦିକ ପ୍ରସନ୍ନ ଧଳଙ୍କ ଆରୋଗ୍ୟ କାମନା**

ପଞ୍ଚୁପାଣ୍ଡବ,୧୪।୬(ସମିସ): କେନ୍ଦ୍ରାପଡ଼ା ଜିଲ୍ଲାର ଯୁବ ସାମ୍ବାଦିକ ପ୍ରସନ୍ନ ଧଳ ଗତ ୧୧ ତାରିଖରେ ଦୁର୍ଘଟଣାରେ ଗୁରୁତର ଆହତ ହୋଇ ବର୍ତ୍ତମାନ କଟକର ଏକ ବେସରକାରୀ ଡାକ୍ତରଖାନାରେ ଚିକିତ୍ସାଧୀନ ଅଛନ୍ତି। ତାଙ୍କ ସ୍ୱାସ୍ଥ୍ୟାବସ୍ଥାରେ ଧୀରେ ଧୀରେ ସୁଧାର ଆସୁଥିବାବେଳେ ଜିଲ୍ଲାର ବିଭିନ୍ନ ସାମ୍ବାଦିକ ଓ ଶୁଭେଚ୍ଛୁ ତାଙ୍କର ଆଶୁ ଆରୋଗ୍ୟ କାମନା କରିଛନ୍ତି। ବେଲାରପୁର ଛକ ନିକଟରେ ପଟ୍ଟାମୁଣ୍ଡାଇ ୮ ନମ୍ବର (କ) କେନାଲ ବନ୍ଧ ରାସ୍ତାରେ ଯାଉଥିବା ସମୟରେ ଦୁର୍ଘଟଣା ହୋଇଥିଲା। ସ୍ଥାନୀୟ ଗ୍ରାମବାସୀ ଓ ସ୍ୱେଚ୍ଛାସେବୀ ସମସ୍ତଙ୍କୁ ଉଦ୍ଧାର କରି ଡେରାବିଶ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇଥିଲେ। ପ୍ରସନ୍ନ ଧଳଙ୍କ ଅବସ୍ଥା ଗୁରୁତର ଥିବାରୁ ପ୍ରଥମେ କଟକ ବଡ଼ ମେଡିକାଲ ଓ ପରେ ବେସରକାରୀ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଥିଲା। ସାମ୍ବାଦିକ ବେବର୍ତ୍ତା ଅଜୟ ଦାସ, ଶାନ୍ତନୁ ସାହୁ, ଖୁର୍ସିଦ୍ ଆଲାମ ଖାନ, ସେକ୍ ରିୟାସଦ୍, ଧରଣୀଧର ପ୍ରଧାନ, ଦୈତାରୀ ଜେନା ପ୍ରମୁଖ ତାଙ୍କର ଶୀଘ୍ର ସୁସ୍ଥତା ପାଇଁ କାମନା କରିଛନ୍ତି।

**■ ଅଠରବାଙ୍କୀ ପୋଲ ଉପରେ ଦୁର୍ଘଟଣା**

## ମାଛ ବୋଝେଇ ଟ୍ରକ୍ ଧକ୍କାରେ ଜଣେ ମୃତ



ପାରାଦୀପ,୧୪।୬(ସମିସ): ପାରାଦୀପ ଅଠରବାଙ୍କୀ ପୋଲ ଉପରେ ଆଜି ସନ୍ଧ୍ୟା ୭ଟାରେ ଏକ ଦୁର୍ଘଟଣା ଘଟି ଡିୟୁଟିରୁ ଫେରୁଥିବା ଜଣେ ଆଇପିଟି ଡ୍ରାଇଭରର ମୃତ୍ୟୁ ହୋଇଯାଇଛି। ମୃତକ ଡ୍ରାଇଭର ହେଲେ ବାଲିଝରା ଅଞ୍ଚଳର କାଳିଆ ମଣ୍ଡଳ (୩୦)। ଖବର ନେବାରୁ ଜଣାଯାଏ ଆଜି ପାରାଦୀପ ବନ୍ଦର ଭିତରୁ କାଳିଆ ଡ୍ୟୁଟି ଶେଷ କରି ତାର ଜଣେ ସହକର୍ମୀ ଡ୍ରାଇଭର ସୁରେଶ ଜେନା ସହିତ ବାଇକ୍ ଯୋଗେ ବନ୍ଦର ୨ ନମ୍ବର ଗେଟରୁ ବାହାରି ଆସି ମାତ୍ର ୧୦୦ ମିଟର ଦୂର ଅଠରବାଙ୍କୀ ପୋଲ ଉପରେ ପହଞ୍ଚିବା ବେଳେ ପଛ ପଟୁ ଆସୁଥିବା ଏକ ମାଛ ବୋଝେଇ ୪୦୭ ଗାଡି ତାଙ୍କୁ ଧକ୍କା ଦେଇଥିଲା। ଯାହା ଫଳରେ ବାଇକ୍ ଚଳାଉ ଥିବା କାଳିଆକୁ ଘୋଷାଡି ଘୋଷାଡି ନେଇ ଯାଇଥିବା ବେଳେ ପଛରେ ବସିଥିବା ସୁରେଶ ଜେନା ଛିଟିକି ପଡି ଗୁରୁତର ହୋଇ ପଡିରହିଥିଲା। ସ୍ଥାନୀୟ ଲୋକେ ଗୁରୁତର ସୁରେଶକୁ ସ୍ଥାନୀୟ ଅଠରବାଙ୍କୀ ମେଡିକାଲ ନେଇ ଚିକିତ୍ସିତ କରାଇବା ସହିତ ଗୁରୁତର ଥିବାରୁ ଡାକ୍ତର କଟକ ସ୍ଥାନାନ୍ତରିତ କରିଥିଲେ। ଘଟଣା ସ୍ଥଳରେ ହିଁ ବାଇକ ଚଳାଉ ଥିବା କାଳିଆ ମଣ୍ଡଳର ମୃତ୍ୟୁ ହୋଇଯାଇଥିଲା। ଖବର ପାଇ ପୁଲିସ ଘଟଣାସ୍ଥଳରେ ପହଞ୍ଚି ଶବକୁ ଜବତ କରିବା ସହିତ ଉତ୍ତେକ୍ତ ଲୋକଙ୍କୁ ବୁଝାସୁଝା କରିଥିଲା। ଗୁରୁତର ହୋଇଥିବା ସୁରେଶ ଜେନାଙ୍କ ଘର ପୁରୀ ଜିଲ୍ଲାର କଣାସ ଅଞ୍ଚଳର ରତନପୁର ଗ୍ରାମରେ ହୋଇଥିବା ବେଳେ ମୃତକ କାଳିଆ ମଣ୍ଡଳ ପାରାଦୀପ ପୌର ପରିଷଦ ୪ ନମ୍ବର ୱାର୍ଡ ବାଲିଝରା ଅଞ୍ଚଳରେ ବୋଲି ଜଣାପଡିଛି।

# ୧୬୮ ଅଧିକାରୀ ଓ କର୍ମଚାରୀଙ୍କ ବଦଳି

ଜଗତସିଂହପୁର,୧୪।୬(ସମିସ)

ପ୍ରଶାସନିକ କାର୍ଯ୍ୟ କ୍ଷେତ୍ରରେ ସମୟାନୁବର୍ତ୍ତିତା ଏବଂ ସ୍ୱଚ୍ଛତା ଆଣିବା ପାଇଁ ସରକାରୀ ସ୍ତରରେ ଅଧିକାରୀ ଓ କର୍ମଚାରୀମାନଙ୍କ ପାଇଁ ପ୍ରଚଳିତ ବଦଳି ନୀତିକୁ ଶେଷରେ କାର୍ଯ୍ୟକାରୀ କରିଛି ଜଗତସିଂହପୁର ଜିଲ୍ଲା ପ୍ରଶାସନ। ମୋଟ ଉପରେ ୧୬୮ ଜଣ ଅଧିକାରୀ ଓ କର୍ମଚାରୀଙ୍କ ବଦଳି ତାଲିକା ପ୍ରକାଶ ପାଇଥିବା ବେଳେ ଆଉକିଛି ଗାଦିମଡ଼ା କର୍ମଚାରୀ ଏଥିରୁ ବାଦ ପଡିଥିବା ଅଭିଯୋଗ ଉଠିଛି। ଏହି ତାଲିକାରେ ୧୫ ଜଣ ସେକ୍ସନ ଅଫିସର, ୪୬ ଜଣ ବରିଷ୍ଠ ରାଜସ୍ୱ ସହାୟକ, ୧୦ ଜଣ କନିଷ୍ଠ ରାଜସ୍ୱ ସହାୟକ, ୩୬ ଜଣ ଅମିନ, ୩୯ ଜଣ ଆର୍ଆଇ, ୨୦ ଜଣ ଏଆରଆଇ ଏବଂ ୨ ଜଣ ରାଜସ୍ୱ ପରିଦର୍ଶକଙ୍କ ନାମ ରହିଛି। ଏହିସବୁ ଅଧିକାରୀ ଓ କର୍ମଚାରୀମାନେ ୩ବର୍ଷରୁ ଅଧିକ ସମୟ ଧରି ଜିଲ୍ଲାପାଳ କାର୍ଯ୍ୟାଳୟ, ଉପ-ଜିଲ୍ଲାପାଳ କାର୍ଯ୍ୟାଳୟ, ବ୍ଲକ୍ ଏବଂ ତହସିଲ କାର୍ଯ୍ୟାଳୟ ତଥା ଅନ୍ୟ ସରକାରୀ କାର୍ଯ୍ୟାଳୟ ମାନଙ୍କରେ କାର୍ଯ୍ୟ କରି ଆସୁଥିଲେ।

ଏଠାରେ ସୂଚନାଯୋଗ୍ୟ ଯେ, ରାଜ୍ୟ ସରକାରଙ୍କ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ଗତ ୨୦୨୫ ସେପ୍ଟେମ୍ବର ୧୮ ତାରିଖ ଚିଠି ସଂଖ୍ୟା ୩୫୩୮୪ରେ ସମସ୍ତ ଜିଲ୍ଲାର ଜିଲ୍ଲାପାଳଙ୍କୁ ବଦଳି ନିୟମ କାର୍ଯ୍ୟକାରି କରିବାକୁ ନିର୍ଦ୍ଦେଶ ଦେଇଥିଲେ। ଚିଠି ମିଳିବାର ୧୫ ଦିନ ମଧ୍ୟରେ କ'ଣ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛ ସଂପୃକ୍ତ ବିଭାଗକୁ ଅବଗତ କରିବାକୁ ମଧ ଏହି ଚିଠିରେ ଉଲ୍ଲେଖ କରାଯାଇଥିଲା। ଅର୍ଥାତ୍ ଅକ୍ଟୋବର ୩ ତାରିଖ ସୁଦ୍ଧା ଉକ୍ତ ନିର୍ଦ୍ଦେଶନାମା କାର୍ଯ୍ୟକାରୀ ହେବାକଥା। ହେଲେ ଅକ୍ଟୋବର ୩୧ ତାରିଖ ପର୍ଯ୍ୟନ୍ତ କୌଣସି ଉତ୍ତର ନ ମିଳିବାରୁ ପୁନର୍ବାର ଗତ ୨୦୨୫ ନଭେମ୍ବର ୧ ତାରିଖ ଚିଠି ସଂଖ୍ୟା ୪୧୨୦୩ରେ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ନଭେମ୍ବର ୭ ତାରିଖ ମଧ୍ୟରେ ବଦଳି ନୀତି କାର୍ଯ୍ୟକାରୀ କରି ବିଭାଗକୁ ଜଣାଇବା ପାଇଁ ସମସ୍ତ ଜିଲ୍ଲାପାଳଙ୍କୁ ନିର୍ଦ୍ଦେଶ ଦେଇଥିଲେ।

**ଗତବର୍ଷ ରାଜ୍ୟ ସରକାରଙ୍କ କଡ଼ା ନିର୍ଦ୍ଦେଶ ସତ୍ତ୍ୱେ ଚାପି ଦେଇଥିଲା ଜିଲ୍ଲା ପ୍ରଶାସନ**

ତେବେ ଯେଉଁ କର୍ମଚାରୀମାନେ ନିର୍ବାଚନ ସଂକ୍ରାନ୍ତୀୟ କାମ ତଥା ସ୍ୱତନ୍ତ୍ର ଭୋଟର ତାଲିକା ସଂଶୋଧନ କାର୍ଯ୍ୟରେ ଅଛନ୍ତି ସେମାନଙ୍କୁ ବଦଳି ପ୍ରକ୍ରୀୟାରୁ ବାଦ ଦିଆଯିବ ବୋଲି ଉକ୍ତ ଚିଠିରେ ଉଲ୍ଲେଖ ରହିଥିଲା। ହେଲେ ଜଗତସିଂହପୁର ଜିଲ୍ଲା ପ୍ରଶାସନ ପକ୍ଷରୁ ଏହି ନିର୍ଦ୍ଦେଶକୁ ଫୁ କରି ଉଡ଼ାଇ ଦିଆଯାଇଥିଲା। ଜିଲ୍ଲାର କେତେକ କର୍ମଚାରୀ ଗୋଟିଏ ସ୍ଥାନରେ ୫ ବର୍ଷରୁ ୧୦ ବର୍ଷ ପର୍ଯ୍ୟନ୍ତ କାମ କରି ଆସୁଥିବା ବେଳେ ଅନ୍ୟ କିଛି କର୍ମଚାରୀ ୧୦ ବର୍ଷରୁ ଊର୍ଦ୍ଧ୍ୱ କାଳ ଧରି ଗୋଟିଏ ସ୍ଥାନରେ କାମ କରୁଥିଲେ ମଧ ଜିଲ୍ଲା ପ୍ରଶାସନର ବେପରୁଆ ମନୋଭାବ ସେ ସମୟରେ ସମସ୍ତଙ୍କୁ ଆଶ୍ଚର୍ଯ୍ୟଚକିତ କରିଥିଲା। ଏହାକୁ ନେଇ ଓଡିଶା ସରକାରଙ୍କ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ କ୍ଷୁବ୍ଧ ହୋଇଥିଲା। ପରେ ଗତ ମେ' ୧୪ ତାରିଖରେ ଅତିରିକ୍ତ ମୁଖ୍ୟ ଶାସନ ସଚିବ ଡ. ଅରବିନ୍ଦ କୁମାର ପାଢ଼ି ପତ୍ର ସଂଖ୍ୟା ୨୦୩୦୩ରେ ଚଳିତ ଜୁନ୍ ମାସ ୧୫ ତାରିଖ ମଧ୍ୟରେ ଏହି ବଦଳି ନୀତିକୁ କାର୍ଯ୍ୟକାରୀ କରି ସରକାରଙ୍କୁ ରିପୋର୍ଟ କରିବା ପାଇଁ ଜଗତସିଂହପୁର ଜିଲ୍ଲାପାଳଙ୍କ ସମେତ ସମସ୍ତ ଜିଲ୍ଲାପାଳ ମାନଙ୍କୁ ତାଗିଦ କରିଥିଲେ। ଯାହାର ଫଳସ୍ୱରୂପ ଏହି ବଦଳି ତାଲିକା ପ୍ରକାଶ ପାଇଛି ବୋଲି ସାଧାରଣରେ ଚର୍ଚ୍ଚା କରାଯାଉଛି।

# ଢେଙ୍କାନାଳ ଜିଲ୍ଲାରେ ଦୁଗ୍ଧ ଉତ୍ପାଦନ ନଗଣ୍ୟ

ଢେଙ୍କାନାଳ,୧୪।୬(ସମିସ):



ଢେଙ୍କାନାଳ ଜିଲ୍ଲାରେ ଦୁଗ୍ଧ ଉତ୍ପାଦନ ଅତି ନଗଣ୍ୟ ବୋଲି ଜଣାପଡ଼ିଛି। ଜିଲ୍ଲାବାସୀ ନିଜ ଆବଶ୍ୟକତା ପାଇଁ ଅନ୍ୟ ଜିଲ୍ଲା ଉପରେ ନିର୍ଭର କରୁଥିବା ବେଳେ କୃଷକ ଏବଂ ମହିଳାମାନଙ୍କୁ ସ୍ୱାବଲମ୍ବୀ କରିବା ପାଇଁ ସରକାରଙ୍କ ଉଦ୍ୟମ ଆଶାନୁରୂପ ଫଳପ୍ରଦ ହେଉ ନ ଥିବା ଜଣାପଡ଼ିଛି।

ବିଶେଷକରି ଢେଙ୍କାନାଳ ଜିଲ୍ଲା ମାଛ, ମାଂସ ଓ ଦୁଗ୍ଧ ଉତ୍ପାଦନରେ ପଛରେ ପଡ଼ିଛି। ଜିଲ୍ଲାରେ ଦେଶୀ ଗାଇ ପାଳନରୁ ମାତ୍ର ୨.୯୧ ମେଟ୍ରିକ ଟନ ଦୁଗ୍ଧ ଉତ୍ପାଦନ ହେଉଥିବା ବେଳେ ସିବିରୁ ୧୩.୫୦ ଏମଟି, ଶଙ୍କରଜାତୀୟ ଗୋପାଳନରୁ ୫୩.୪୩ ଏମଟି, ମଇଁଷି ପାଳନରୁ ୪.୨୦ଏମଟି ଏଭଳି ମୋଟ ୭୪.୦୪ ଏମଟି ଦୁଗ୍ଧ ଉତ୍ପାଦିତ ହେଉଛି। ମାଂସ କ୍ଷେତ୍ରରେ ମେଣ୍ଢାଙ୍କଠାରୁ ମାତ୍ର ୦.୯୦ ମେଟ୍ରିକ ଟନ ମାଂସ ଉତ୍ପାଦନ ହେଉଥିବା ବେଳେ ଛେଳି ପାଳନରୁ ୨.୩୩ ଏମଟି, ଘୁଷୁରୀରୁ ୦.୦୯ ଏମଟି ଏବଂ ବ୍ରଏଲର କୁକୁଡ଼ାରୁ ୮.୭୦ ଏମଟି ମାଂସ ଉତ୍ପାଦନ କରାଯାଉଛି। ଜିଲ୍ଲାରେ କେବଳ ୧୩ ହଜାର ୧୫୭ ମେଟ୍ରିକ ଟନ ମାଛ ଉତ୍ପାଦନ ହେଉଥିବା ଜଣାପଡ଼ିଛି। ମାଛ, ମାଂସ, କ୍ଷୀର ପୁଷ୍ଟିକର ଖାଦ୍ୟ ହୋଇଥିବା ବେଳେ ଲୋକସଂଖ୍ୟାକୁ ଦୃଷ୍ଟିରେ ରଖି ଜିଲ୍ଲାରେ ଉତ୍ପାଦନ ଅତି ନଗଣ୍ୟ। ଫଳରେ ଜିଲ୍ଲାର ଆବଶ୍ୟକତା ପୂରଣ କରିବା ପାଇଁ ବ୍ୟବସାୟୀମାନେ ଅନ୍ୟ ଜିଲ୍ଲା ଉପରେ ନିର୍ଭର କରୁଛନ୍ତି।

ଅନ୍ୟପଟେ ଦେଶୀ ମାଛ, ମାଂସ ଓ କ୍ଷୀର ଖାଉଟିମାନଙ୍କ ପାଇଁ ସ୍ୱପ୍ନ ପାଲଟି ଗଲାଣି। ଆନ୍ଧ୍ରରୁ ଆସୁଥିବା ମାଛରେ ଫର୍ମାଲିନ ବ୍ୟବହାର କରାଯାଉଥିବା ବେଳେ ଖାଦ୍ୟ ସୁରକ୍ଷା ଅଧିକାରୀ ଯାଞ୍ଚ କରୁ ନ ଥିବାରୁ ଖାଉଟିମାନେ ରୋଗର ଶିକାର

**ଦୈନିକ ଉତ୍ପାଦନ ୩୫୦୦ ଲିଟର**

**ପ୍ୟାକେଟ କ୍ଷୀର ଖାଇ ଲୋକେ ରୋଗାକ୍ରାନ୍ତ**

ହେଉଛନ୍ତି। ସେହିପରି ଛେଳି ମାଂସ ବି ଯଥେଷ୍ଟ ନୁହେଁ। ଫଳରେ ଦକ୍ଷିଣୀ ଛେଳି ବା ଦାନା ଖାଉଥିବା ଛେଳି ମାଂସ ଉପରେ ନିର୍ଭର କରାଯାଉଛି। ଦେଶୀ ମାଛ, ଦେଶୀ ଛେଳି, କୁକୁଡ଼ା, ଦେଶୀ ଅଣ୍ଡା, ଦେଶୀ କ୍ଷୀର ଏବେ ଜିଲ୍ଲାବାସୀଙ୍କ ପାଇଁ ସ୍ୱପ୍ନ ପାଲଟିଛି। ସରକାର ମହିଳା ଏବଂ ଚାଷୀମାନଙ୍କୁ ସ୍ୱାବଲମ୍ବୀ ଏବଂ ରୋଜଗାରକ୍ଷମ କରିବାକୁ ବହୁ ଯୋଜନା କରୁଥିବା ବେଳେ ମାଛ, ମାଂସ, ଦୁଗ୍ଧ ଉତ୍ପାଦନ କ୍ଷେତ୍ରରେ ସ୍ୱାବଲମ୍ବୀ କରିବା ପାଇଁ ହେଉଥିବା ଯୋଜନା ସଫଳ ହୋଇନାହିଁ। ଫଳରେ ଅନ୍ୟ ରାଜ୍ୟ ଉପରେ ନିର୍ଭର କରିବାକୁ ପଡୁଛି। ଏହାର ସୁଯୋଗ ନେଇ ବ୍ୟବସାୟୀମାନେ ନିମ୍ନ ମାନର ମାଛ, ମାଂସ ଏବଂ ଦୁଗ୍ଧ ଯୋଗାଇଦେବା ଦ୍ୱାରା ଲୋକଙ୍କ ରୋଗ ପ୍ରତିରୋଧ ଶକ୍ତି ହ୍ରାସ ପାଇବା ସହିତ ଲୋକେ ବିଭିନ୍ନ ରୋଗର ଶିକାର ହେଉଛନ୍ତି। ରାଜ୍ୟରେ ଦୁଗ୍ଧ ଉତ୍ପାଦନରେ କଟକ ଜିଲ୍ଲା ୨.୫ ଲକ୍ଷ ଲିଟର କ୍ଷୀର ଉତ୍ପାଦନ କରି ପ୍ରଥମ ସ୍ଥାନରେ ରହିଥିବା ବେଳେ ବାଲେଶ୍ୱର ଜିଲ୍ଲା ୧.୫ ଲକ୍ଷ ଲିଟର ଦୁଗ୍ଧ ଉତ୍ପାଦନ କରୁଛି। ସେହିପରି ପୁରୀ ଜିଲ୍ଲା ୧ ଲକ୍ଷ ଲିଟର ଦୁଗ୍ଧ ଉତ୍ପାଦନ କରୁଥିବା ବେଳେ ଅନୁଗୋଳ ଜିଲ୍ଲା ୧୦ ହଜାର ଲିଟର ଓ ଢେଙ୍କାନାଳ ଜିଲ୍ଲା ମାତ୍ର ୩୫୦୦ ଲିଟର ଦୁଗ୍ଧ ଉତ୍ପାଦନ କରି ୧୦ନଂ ସ୍ଥାନରେ ରହିଛି। ସରକାରଙ୍କ ପକ୍ଷରୁ ଗୋପାଳନ ନିମନ୍ତେ ବିଭିନ୍ନ ଯୋଜନା ରହିଥିବା ବେଳେ ତାହା ଏଠାରେ ଫଳପ୍ରଦ ହେଉ ନ ଥିବାରୁ ବୁଦ୍ଧିଜୀବୀ ମହଲରେ ଉଦବେଗ ପ୍ରକାଶ ପାଇଛି।

## ଗଁଦିଆରେ ରଜ ମହୋତ୍ସବ ଉଦ୍‌ଘାଟିତ



ଗଁଦିଆ,୧୪।୬(ସମିସ): ଗଁଦିଆ ବ୍ଲକ ଆଞ୍ଚଳିକ ରଜ ମହୋତ୍ସବ କମିଟି ପକ୍ଷରୁ ପୋରୁହଖୋଜ ମିନି ଷ୍ଟାଡିୟମରେ ସପ୍ତମ ରଜ ମହୋତ୍ସବ ଉଦ୍‌ଘାଟିତ ହୋଇଛି। ଆଞ୍ଚଳିକ ରଜ ମହୋତ୍ସବ କମିଟି ସଭାପତି ତଥା ପୂର୍ବତନ ସରପଞ୍ଚ ଶୁଭଦର୍ଶିନୀ ପରିଡ଼ାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ପୌରାଧ୍ୟକ୍ଷା ଜୟନ୍ତୀ ପାତ୍ର, ମୁଖ୍ୟବକ୍ତା ଭାବେ ମହେଶ ରାଉତ, ଅନ୍ୟତମ ଅତିଥି ଭାବେ ସିନେ ଅଭିନେତ୍ରୀ ରାଲି ନନ୍ଦ ଓ ଗଁଦିଆ ଥାନା ଅଧିକାରୀ ପ୍ରତାପ ଦଳେଇ ପ୍ରମୁଖ ଯୋଗଦେଇଥିଲେ। ବିଜ୍ଞାନ ମହାନ୍ତି କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ଏହି ଅବସରରେ ବହୁ କୃତୀ ବ୍ୟକ୍ତିଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। କମିଟି ସମ୍ପାଦକ ତଥା ଅବସରପ୍ରାପ୍ତ କଲେଜ ଅଧ୍ୟକ୍ଷ ସମୀର କୁମାର ସାହୁ, ମଙ୍ଗରାଜ ବାରିକ, ଜୟକୃଷ୍ଣ ସାହୁ, ଅକ୍ଷୟ କୁମାର ସାହୁ, ଦଣ୍ଡଧର ସାହୁ, ଶେଷଦେବ ମହାପାତ୍ର, ଗୌରାଙ୍ଗ ଚରଣ ସାହୁ, ଡମ୍ବରୁଧର ସେଠୀ, ପ୍ରକୃତିବନ୍ଧୁ ତଥା ରାଷ୍ଟ୍ରପତି ପୁରସ୍କାରପ୍ରାପ୍ତ ଶିକ୍ଷକ ହରିହର ସାହୁ, ମଦନ ରାଉତ, ସଆନ୍ଦାପଶିପଟଣା ସଭାପତି ଗୋବିନ୍ଦ ଚନ୍ଦ୍ର ସାହୁ ପ୍ରମୁଖ ସହଯୋଗ କରିଥିଲେ। ତାପସ କୁମାର ରାଉତ ଧନ୍ୟବାଦ ଅର୍ପଣ କରିଥିଲେ।

## ଗେଙ୍ଗୁଟିଆରେ ରଜ ମହୋତ୍ସବ



ଢେଙ୍କାନାଳ,୧୪।୬(ସମିସ): ସଦର ବ୍ଲକ ଗେଙ୍ଗୁଟିଆ ପଞ୍ଚାୟତ କେଞ୍ଜୁଆ ବେରେଣୀ ରାଜସ୍ୱ ଗ୍ରାମର ଦାମ ସାମନ୍ତରାୟ ସ୍ୱୟଂ ସେବକ ସଂଘ କର୍ମକର୍ତ୍ତାଙ୍କ ଆନୁକୂଲ୍ୟରେ ରଜ ମହୋତ୍ସବ ଆୟୋଜିତ ହୋଇଛି। ଏଥିରେ ମହିଳାମାନଙ୍କ ରଜ ସଜବାଜ ଓ ରଜ ପୋଡ଼ପିଠା, ରଜପାନ, ଦୋଳିଖେଳ ଆଦି ବ୍ୟବସ୍ଥା କରାଯାଇଥିଲା। ଏଥିସହ ମହିଳା ଓ ଶିଶୁମାନଙ୍କୁ ନେଇ ମ୍ୟୁଜିକ୍ ଚେୟାର୍, କୁଇଜ୍ ପ୍ରତିଯୋଗିତା ହୋଇଥିଲା। ଅନୁଷ୍ଠାନର ଅଧ୍ୟକ୍ଷ ସୁବ୍ରତ ମଲ୍ଲିକ, ଦାମ ସାମନ୍ତରାୟ ସ୍ୱୟଂ ସେବକ ସଂଘ ସଦସ୍ୟ ପ୍ରଦୀପ, ସଞ୍ଜୟ, ସନାତନ, ପ୍ରକାଶ, ସୁଶାନ୍ତ, ମିକୁନ୍, ଗଣେଶ, ଯଶୋବନ୍ତ, ଠାକୁର ପ୍ରସାଦ, ଉପଦେଷ୍ଟା ରଞ୍ଜିତ କୁମାର ମଲ୍ଲିକ ସହଯୋଗ କରିଥିଲେ।

## ରଜରେ ମାଂସ ଦୋକାନରେ ପ୍ରବଳ ଭିଡ଼

ଢେଙ୍କାନାଳ,୧୪।୬(ସମିସ): ଓଡ଼ିଶାର ଗଣପର୍ବ ରଜ ଉତ୍ସବକୁ ନେଇ ସାରା ଜିଲ୍ଲାରେ ଆନନ୍ଦ ଉଲ୍ଲାସର ମାହୋଲ ଖେଳିଯାଇଛି। ଆଜି ପହିଲି ରଜ ସହ ରବିବାର ହୋଇଥିବାରୁ ସହର ସମେତ ବିଭିନ୍ନ ଗ୍ରାମାଞ୍ଚଳ ବଜାରରେ ଆମିଷ ଦୋକାନରେ ପ୍ରବଳ ଭିଡ଼



ପରିଲକ୍ଷିତ ହୋଇଛି। ଖାସିମାଂସ ଦୋକାନଗୁଡ଼ିକରେ ସକାଳୁ ସକାଳୁ ଲମ୍ବା ଲାଇନ ଦେଖିବାକୁ ମିଳିଛି। ରଜପର୍ବରେ ମାଂସର ଚାହିଦା ବଢ଼ିବା ସହ ବଜାର ମଧ୍ୟ ବେଶ୍ ଗରମ ରହିଛି। ବଜାରରେ ଖାସି ମାଂସ କିଲୋ ପିଛା ୭୦୦ରୁ ୮୦୦ ଟଙ୍କାରେ ବିକ୍ରି ହେଉଥିବା ବେଳେ ଗ୍ରାହକମାନେ ଦରକୁ ଖାତିର ନ କରି ମାଂସ କିଣୁଥିବା ଦେଖାଯାଇଛି। ସକାଳୁ ପ୍ରତି ଓଡ଼ିଆ ଘର ପୋଡ଼ପିଠା, ଚକୁଳି ଓ ବିଭିନ୍ନ ପାରମ୍ପରିକ ପିଠାର ବାସ୍ନାରେ ମହକୁଥିବା ବେଳେ ମଧ୍ୟାହ୍ନ ଭୋଜନରେ ଖାସି ମାଂସ ତରକାରୀ ରଜର ଆନନ୍ଦକୁ ଦ୍ୱିଗୁଣିତ କରିଦେଇଛି। ଝିଅବୋହୂମାନେ ନୂଆ ପୋଷାକ ପିନ୍ଧି, ସଜବାଜ ହୋଇ ରଜଦୋଳିର ମଜା ନେବା ସହ ଘରେ ଘରେ ସୁଆଦିଆ ବ୍ୟଞ୍ଜନ ପ୍ରସ୍ତୁତିରେ ବ୍ୟସ୍ତ ଅଛନ୍ତି। ରବିବାର ଛୁଟିଦିନ ଯୋଗୁଁ ଚଳିତବର୍ଷ ପହିଲି ରଜ ସମସ୍ତଙ୍କ ପାଇଁ ଅଧିକ ସ୍ମରଣୀୟ ଓ ଉତ୍ସାହଜନକ ହୋଇଛି।

## ବରିଷ୍ଠ ନାଗରିକ ଗୃହରେ ରଜ ଉତ୍ସବ ପାଳିତ



ଗଁଦିଆ,୧୪।୬(ସମିସ): ଢେଙ୍କାନାଳ ଜିଲ୍ଲା ଯୋରନ୍ଦା ବରିଷ୍ଠ ନାଗରିକ ଗୃହରେ ରବିବାର ୨୨ତମ ରଜ ଉତ୍ସବ ପାଳିତ ହୋଇଛି। ମହର୍ଷି ଦୟାନନ୍ଦ ସର୍ଭିସ୍ ମିଶନ ସମ୍ପାଦକ ପ୍ରଦୀପ କୁମାର ସାହୁଙ୍କ ଆନୁକୂଲ୍ୟରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଯୋରନ୍ଦା ସରପଞ୍ଚ ଆରତୀ ନାୟକ, ସମ୍ମାନିତ ଅତିଥି ଭାବେ ସମିତି ସଭ୍ୟ ପ୍ରତ୍ୟୁଷହରି ପ୍ରଧାନ, ଡା. କୃଷ୍ଣବଲ୍ଲଭ ଶତପଥୀ, ସାମ୍ବାଦିକ ଆନନ୍ଦ ଚନ୍ଦ୍ର ମହାନ୍ତି, ଅବସରପ୍ରାପ୍ତ ସେନା ଯବାନ ପ୍ରକାଶ ନାୟକ ପ୍ରମୁଖ ଯୋଗଦେଇ ଅନ୍ତେବାସୀଙ୍କ ସହିତ ଭାବ ଆଦାନପ୍ରଦାନ କରିଥିଲେ। ଏହି ଅବସରରେ ରଜଦୋଳି ପୂଜାର୍ଚ୍ଚନା କରାଯାଇ ଅନ୍ତେବାସୀଙ୍କୁ ଖେଳାଯାଇଥିଲା। ଅତିଥିମାନେ ପୋଡ଼ପିଠା କାଟି ଅନ୍ତେବାସୀଙ୍କୁ ବଣ୍ଟନ କରିଥିଲେ। ବରିଷ୍ଠ ନାଗରିକ ଗୃହର ପରିଚାଳକ ବିଜୟ କୁମାର ପ୍ରଧାନ ଅତିଥି ପରିଚୟ ପ୍ରଦାନ ସହ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଅତିଥିମାନେ ଆମ ଓଡ଼ିଆ ପରମ୍ପରାରେ ରଜ ଉତ୍ସବର ମହତ୍ତ୍ୱ ସମ୍ପର୍କରେ ବକ୍ତବ୍ୟ ରଖିଥିଲେ। ଦୟାନନ୍ଦ ସର୍ଭିସ୍ ମିଶନର କର୍ମକର୍ତ୍ତା ବିଜୟ କୁମାର ପ୍ରଧାନ, ବିଜୟ କୁମାର ସାହୁ, ରାଜେଶ କୁମାର ପରିଡ଼ା, ରଶ୍ମିତା ନାଥ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

● ରଜରେ ଅଘଟଣ

## କ୍ରିକେଟ ଖେଳୁଥିଲା ବେଳେ ବଜ୍ରପାତରେ ଯୁବକ ମୃତ

କାମାକ୍ଷାନଗର,୧୪।୬(ସମିସ): ରଜରେ ଅଘଟଣ। ସାଙ୍ଗସାଥୀଙ୍କ ସହ ଗାଁ ପଡ଼ିଆରେ କ୍ରିକେଟ ଖେଳୁଥିଲା ବେଳେ ବଜ୍ରପାତରେ ଯୁବକଙ୍କ ମୃତ୍ୟୁ ହୋଇଛି। ମୃତକ ହେଲେ କଙ୍କଡାହାଡ଼ ଥାନା କାଲବୁଢ଼ିଆ ଗାଁର ପ୍ରିୟବ୍ରତ ମହାନ୍ତ। ରବିବାର ଅପରାହ୍ଣରେ ପ୍ରିୟବ୍ରତ ସାଙ୍ଗସାଥୀଙ୍କ ସହ କ୍ରିକେଟ ଖେଳୁଥିବା ବେଳେ ହଠାତ ବର୍ଷା ଓ ପବନ ହେବା ସହିତ ବଜ୍ରପାତ ହୋଇଥିଲା। ଫଳରେ ସେ ଟଳି ପଡ଼ିଥିଲେ। ସ୍ଥାନୀୟ ଲୋକ ଓ ପରିବାର ସଦସ୍ୟ ତୁରନ୍ତ ତାଙ୍କୁ ଉଦ୍ଧାର କରି କାମାକ୍ଷାନଗର ମେଡିକାଲରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ପହିଲି ରଜରେ ପ୍ରିୟବ୍ରତଙ୍କ ଏପରି ଦୁଃଖଦ ମୃତ୍ୟୁରେ ଗାଁରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଛି।

## ବାଇକ୍‌ରୁ ପେଟ୍ରୋଲ ଚୋରି ଅଭିଯୋଗ

ଢେଙ୍କାନାଳ,୧୪।୬(ସମିସ): ସ୍ଥାନୀୟ ଦେଉଳସାହିସ୍ଥିତ କନକଦୁର୍ଗା ମନ୍ଦିର ନିକଟରୁ ଶନିବାର ବିଳମ୍ବିତ ରାତିରେ ଏକ ବାଇକ୍‌ରୁ ପେଟ୍ରୋଲ ଚୋରି ହୋଇଥିବା ଅଭିଯୋଗ ହୋଇଛି। ଦେଉଳସାହି ବାସିନ୍ଦା ହାଡ଼ିବନ୍ଧୁ ମିଶ୍ର ଘର ସମ୍ମୁଖରେ ବାଇକ୍ ରଖିଥିଲେ। ମାତ୍ର କେହି ଦୁର୍ବୃତ୍ତ ସେଥିରୁ ପେଟ୍ରୋଲ ଚୋରିକରି ନେଇଛନ୍ତି। ସକାଳେ ପରିବାର ଲୋକେ ଗାଡ଼ି ବ୍ୟବହାର କରିବାକୁ ବାହାରିଥିବା ବେଳେ ତେଲ ଚୋରି ହୋଇଥିବା ଜାଣିବାକୁ ପାଇଥିଲେ। ଏହି ଘଟଣାକୁ ନେଇ ଦେଉଳସାହିରେ ଅସନ୍ତୋଷ ପ୍ରକାଶ ପାଇଛି। ଏ ନେଇ ଥାନାରେ ଅଭିଯୋଗ ହୋଇଛି।

**ରଜ ପାଇଁ ପୁରପଲ୍ଲୀ ଉତ୍ସବମୁଖର**

## ରଞ୍ଜାଗୋଳ ଯାତ୍ରା ପଡ଼ିଆରେ ୪ ଦିନ ବ୍ୟାପୀ ହେବ ଯାତ୍ରା







ହିନ୍ଦୋଳ,୧୪।୬(ସମିସ): ରଜ ପର୍ବ ପାଇଁ ହିନ୍ଦୋଳ ଉପଖଣ୍ଡର ପୁରପଲ୍ଲୀ ଉତ୍ସବମୁଖର ହୋଇପଡ଼ିଛି। ଘରେ ଘରେ ବନ୍ଧୁବାନ୍ଧବ ପହଞ୍ଚି ସାରିଥିବା ବେଳେ ରଜପାନ, ପୋଡ଼ପିଠା ଖାଇ ଆନନ୍ଦ ଉଲ୍ଲାସର ସହ ପାଳନ କରୁଛନ୍ତି। ଗ୍ରାମାଞ୍ଚଳରେ ୪ ଦିନ ବ୍ୟାପୀ ରଜ ପର୍ବ ପାଳିତ ହେବ। କେଉଁ ଆବାହମାନ କାଳରୁ ହିନ୍ଦୋଳ ଉପଖଣ୍ଡ ରଞ୍ଜାଗୋଳ ଧୂନିଘରଠାରେ ପାଳନ ହେଉଛି ରଜପର୍ବ। ଏହି ରାଜ ଯାତ୍ରା ଚାରିଦିନ ବ୍ୟାପୀ ହେବାକୁ ଥିବାବେଳେ ପହିଲି ରଜରେ ଚଳଚଞ୍ଚଳ ହୋଇପଡ଼ିଛି ରଞ୍ଜାଗୋଳ ଯାତ୍ରାପଡ଼ିଆ। ସତେ ଯେମିତି ବଧୂ ପରି ସଜେଇ ହୋଇଛି ଯାତ୍ରାପଡ଼ିଆ। ପହିଲି ରଜରେ ରବିବାର ହଜାରହଜାର ଜନସାଧାରଣ ଯାତ୍ରା ଦେଖିବା ପାଇଁ ଆସିଥିବା ଦେଖିବାକୁ ମିଳିଛି।

ରଞ୍ଜାଗୋଳ ଗାଁ ମୁଣ୍ଡରେ ଥିବା ଧୂନିଘରଠାରେ ଆଜକୁ ୧୦୦ ବର୍ଷ ପୂର୍ବରୁ ପାଳନ ହୋଇ ଆସୁଛି ରଜପର୍ବ। ଏବେ ବି ଏହି ଯାତ୍ରା ଲୋକଙ୍କୁ ଆକର୍ଷିତ

**ପ୍ରଥମ ଦିନରେ ହଜାର ହଜାର ଜନସାଧାରଣଙ୍କ ସମାଗମ**

କରିଆସୁଛି। ଯାତ୍ରା ଦେଖିବା ପାଇଁ ଉପଖଣ୍ଡର ବିଭିନ୍ନ ଗ୍ରାମରେ ବନ୍ଧୁବାନ୍ଧବଙ୍କ ସମାଗମ ହୋଇଛି। ଲୋକମାନେ ନିଜ ପରିବାର ସହ ଯାତ୍ରା ବୁଲିବା ସହିତ ଯାତ୍ରା ପଡ଼ିଆ ମଝିରେ ଥିବା ଧୂନି ଘର, ବୃନ୍ଦାବତୀ ମନ୍ଦିର, ତ୍ରିନାଥ ମନ୍ଦିର ଓ ବିରାଟକାୟ ବାମ୍ଫିକୁ ମନଭରି ଉପଭୋଗ କରୁଛନ୍ତି। ଯାତ୍ରାରେ କୃଷିଭିତ୍ତିକ, ଝାମ୍ପି, ବାଡ଼ି, କଟୁରି ଓ ବିଭିନ୍ନ ପ୍ରକାର କୃଷି ଯନ୍ତ୍ରପାତି ସାଙ୍ଗକୁ ଅଞ୍ଚଳର ମୁଖ୍ୟ ଆକର୍ଷଣ ଆମ୍ବ, ପଣସ ଆଦି ଲୋକମାନେ କିଣନ୍ତି। ଯାତ୍ରାରେ ପଡ଼ିଥିବା ମିନାବଜାର ଓ ବିଭିନ୍ନ ଦୋଳିକୁ ଲୋକେ ମନଭରି ଉପଭୋଗ କରୁଥିବା ଦେଖିବାକୁ ମିଳିଛି। ରଜପାନ ଖାଇ ଯୁବକ ଯୁବତୀଙ୍କଠାରୁ ଆରମ୍ଭ କରି ବୃଦ୍ଧ ପର୍ଯ୍ୟନ୍ତ ସମସ୍ତେ ମସଗୁଲ ହେଉଛନ୍ତି। ଶାନ୍ତିଶୃଙ୍ଖଳା ରକ୍ଷା ପାଇଁ ରଞ୍ଜାଗୋଳ ଗ୍ରାମର ଯୁବଗୋଷ୍ଠୀ ସମେତ ଉପଖଣ୍ଡର ପ୍ରଶାସନିକ ଅଧିକାରୀ, ୩ ଥାନାର ପୁଲିସ ଅଧିକାରୀ ଉପସ୍ଥିତ ରହିଛନ୍ତି।

## ରାସ୍ତା ମଝିରେ ହାତୀ, ଅଟକିଲା ଯାନବାହନ

ଗଁଦିଆ,୧୪।୬(ସମିସ): ଗଁଦିଆ ବ୍ଲକ ଷଡ଼ଙ୍ଗୀ ବନାଞ୍ଚଳ ଷଡ଼ଙ୍ଗୀ-ନିହଲପ୍ରସାଦ ମୁଖ୍ୟରାସ୍ତାର କାଶୀପୁରଠାରେ ଅପରାହ୍ଣ ୪ଟାରେ ଏକ ହାତୀ ଦୀର୍ଘସମୟ ଧରି ରାସ୍ତା



ଉପରେ ଛିଡ଼ା ହେବାରୁ ପ୍ରାୟ ୩୦ ମିନିଟ ଧରି ଗାଡ଼ି ଚଳାଚଳ ଠପ୍ ହୋଇଯାଇଥିଲା। ହଠାତ୍ ରାସ୍ତା ଉପରେ ହାତୀକୁ ଦେଖି ଲୋକେ ଭୟଭୀତ ହୋଇପଡ଼ିଥିଲେ। ରାସ୍ତାର ଦୁଇ ପାର୍ଶ୍ୱରେ ଗାଡ଼ିର ଲମ୍ବା ଧାଡ଼ି ଲାଗି ରହିଥିଲା। ଖବର ପାଇ ଷଡ଼ଙ୍ଗୀ ବନବିଭାଗ କର୍ମଚାରୀ ପହଞ୍ଚି ହାତୀକୁ ଜଙ୍ଗଲ ମଧ୍ୟକୁ ଘଉଡ଼ାଇଥିଲେ। ପରେ ଯାତାୟାତ ସ୍ୱାଭାବିକ ହୋଇଥିଲା। ଏହି ଅଞ୍ଚଳରେ ବାରମ୍ବାର ହାତୀ ଚଳପ୍ରଚଳ କରୁଥିବାରୁ ବନବିଭାଗ ପକ୍ଷରୁ ସତର୍କତାମୂଳକ ପଦକ୍ଷେପ ଗ୍ରହଣ କରିବାକୁ ଦାବି ହେଉଛି।

## ହରଗୌରୀଙ୍କ ନିର୍ବନ୍ଧ ନୀତି ସମ୍ପନ୍ନ



ଢେଙ୍କାନାଳ,୧୪।୬(ସମିସ): ସ୍ଥାନୀୟ ନୂଆପୋଖରୀ ହୁଡ଼ାରେ ଥିବା ଶ୍ରୀ ଶ୍ରୀ ଆଖଣ୍ଡଳମଣିଙ୍କ ମନ୍ଦିରରେ ହରଗୌରୀଙ୍କ ନିର୍ବନ୍ଧ ନୀତି ଅନୁଷ୍ଠିତ ହୋଇଛି। ଚଳିତବର୍ଷ ବରପିତା ଭାବେ ସୁଭାଶିଷ ମହାନ୍ତି ଓ କନ୍ୟାପିତା ଭାବେ ବିଶ୍ୱପ୍ରତାପ ସ୍ୱାଇଁ ଦାୟିତ୍ୱ ତୁଲାଇବେ। କୁଳ ପୁରୋହିତ ରାଜକିଶୋର ମିଶ୍ର ନିର୍ବନ୍ଧ କାର୍ଯ୍ୟ ତୁଲାଇଥିଲେ। ମନ୍ଦିର ଟ୍ରଷ୍ଟର ସମସ୍ତ କାର୍ଯ୍ୟକର୍ତ୍ତା ଉପସ୍ଥିତ ଥିଲେ। ଏହି ଉତ୍ସବରେ ସମ୍ପାଦକ ଜ୍ଞାନରଞ୍ଜନ ଶତପଥୀ, ପୂଜକ ତୁଷାର ରଞ୍ଜନ ମିଶ୍ର, ସହ ପୂଜକ ବିଭୂତି ଭୂଷଣ ପଣ୍ଡାଙ୍କ ସମେତ ଅକ୍ଷୟ ସାମଲ, ବୁଦ୍ଧିରାମ ଅଗ୍ରୱାଲ, ଶିବୁରାମ ଅଗ୍ରୱାଲ, ବେଣୁଧର ମହାପାତ୍ର, ଦିପୁ ପଟ୍ଟନାୟକ, ଦୀପକ ଦାଶ, ସନ୍ତୋଷ ସ୍ୱାଇଁ, ବିଭୂତି ଭୂଷଣ ସ୍ୱାଇଁ, ମନୋରଞ୍ଜନ ପଟ୍ଟନାୟକ, ଶଶିକାନ୍ତ ହିନ୍ଦୁଜା, ପ୍ରକାଶ ଅଗ୍ରୱାଲ, ଦିଲୀପ କୁମାର ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ।

## ଚନ୍ଦାରରେ ୧୯ତମ ବାଦୀପାଲା

ଭୁବନ,୧୪।୬(ସମିସ): ଭୁବନ ବ୍ଲକ ଏକତାଳି ପଞ୍ଚାୟତ ଚନ୍ଦାର ଗ୍ରାମରେ ପହିଲି ରଜରୁ ୧୯ତମ ବାଦୀପାଲା ମହୋତ୍ସବ ଆରମ୍ଭ ହୋଇଛି। ଏହାକୁ ମା' ତାରିଣୀ ପାଲା କମିଟି ସଭାପତି ଅମୂଲ୍ୟ ଦ୍ୱିବେଦୀ ଉଦଘାଟନ କରିଥିଲେ। ଏହା ତିନିଦିନ ଚାଲିବ। ଏଥିରେ ବିଶିଷ୍ଟ ଗାୟକ ସନାତନ ଦାସ ଓ ଶିଶିର କୁମାର ପାଢ଼ୀ ଯୋଗଦେଇ ପାଲା ପରିବେଷଣ କରୁଛନ୍ତି। ସ୍ଥାନୀୟ ଅଞ୍ଚଳର ଶତାଧିକ ପାଲାପ୍ରେମୀ ଓ ସଂସ୍କୃତିପ୍ରେମୀ ଏହି ମହୋତ୍ସବରେ ଯୋଗଦେଉଛନ୍ତି।

ଭୁବନର ବିଭିନ୍ନ ସ୍ଥାନରେ ରଜ ମହୋତ୍ସବ

## ଭୁବନର ବିଭିନ୍ନ ସ୍ଥାନରେ ରଜ ମହୋତ୍ସବ



ଭୁବନ,୧୪।୬(ସମିସ): ଭୁବନ ରଗଡି ଅଞ୍ଚଳରେ ବାବା ଅଷ୍ଟଶମ୍ଭୁ ମନ୍ଦିର ପ୍ରାଙ୍ଗଣରେ ବାବା ଅଷ୍ଟଶମ୍ଭୁ ଟ୍ରଷ୍ଟର ଆୟୋଜନ କ୍ରମେ ଅନୁଷ୍ଠିତ ହୋଇଛି ରଜ ଉତ୍ସବ। ସଭାପତି ଧୀରେନ୍ଦ୍ର କୁମାର ପୃଷ୍ଟି ଅଧ୍ୟକ୍ଷତା କରିଥିଲେ। ଚଳିତ ବର୍ଷ ନୂତନ ଭାବେ ରାମଦୋଳି ଓ କୃଷ୍ଣଦୋଳିର ମଜା ନେଇଥିଲେ। ସେହିପରି କାଲୁଣି ଦେବୀ ପୀଠରେ ପ୍ରଥମ ଥର ପାଳିତ ହୋଇଛି ରଜ ମହୋତ୍ସବ। ଶିଳ୍ପୀ ନାୟକଙ୍କ ଦ୍ୱାରା ସଜ୍ଜିତ ହୋଇଥିବା ଶଗଡ଼ ଦୋଳି, ରାମଦୋଳି, ଚକ୍ରି ଦୋଳି ସମସ୍ତଙ୍କୁ ଆକୃଷ୍ଟ କରିଥିଲା। ନୂତନ ଭାବେ ତାସ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଭୁବନ ବ୍ଲକ ମାର୍ଥାପୁର ପଞ୍ଚାୟତର ଆଦିପୁରା ଲକ୍ଷ୍ମୀ ନାରାୟଣ ମନ୍ଦିର ପରିସରରେ ଅନୁଷ୍ଠିତ ହୋଇଛି ରଜ ମହୋତ୍ସବ। ବିଭିନ୍ନ ଦୋଳି ସାଙ୍ଗକୁ ପ୍ରତିଯୋଗିତା ଓ ପୁରାଣ ପ୍ରତିଯୋଗିତା ହୋଇଥିଲା। ଭୂଷଳ ପଞ୍ଚାୟତ ଚଣ୍ଡୀପାଳଠାରେ ସାମ ବୟଙ୍କ ଆୟୋଜନ କ୍ରମେ ଅନୁଷ୍ଠିତ ହୋଇଛି ଚଣ୍ଡିପାଳ ରଜ ମହୋତ୍ସବ। ମୁଖ୍ୟଅତିଥି ଭାବେ ଭୁବନ ନଗରପାଳ ଶୁଭେନ୍ଦୁ ସାହୁ ଯୋଗଦେଇ ମହୋତ୍ସବକୁ ଉଦଘାଟନ କରିଥିଲେ। ସୋନୁ, ଆକାଶ, ପପୁ, ଜ୍ୟୋତି ପ୍ରମୁଖ ସହଯୋଗ କରିଥିଲେ। ଦୋଳିଖେଳ, ନୃତ୍ୟ, ସଙ୍ଗୀତ ପ୍ରତିଯୋଗିତା ହୋଇଥିଲା।

## ହାଇୱା-ବାଇକ ଧକ୍କା, ଦୁଇ ମୃତ

କାମାକ୍ଷାନଗର,୧୪।୬(ସମିସ): ମହାବିରୋଡ୍ ଥାନା ଗଡ଼ପଳାଶୁଣି ଗ୍ରାମ ବ୍ରାହ୍ମଣିଆବନ୍ଧ ନିକଟରେ ରବିବାର ସନ୍ଧ୍ୟାରେ ୮ଟାରେ ହାଇୱା-ବାଇକ ଧକ୍କା ହେବାରୁ ଘଟଣାସ୍ଥଳରେ ଦୁଇଜଣଙ୍କ ମୃତ୍ୟୁ ହୋଇଛି। ମୃତକ ହେଲେ ଗଡ଼ପଳାଶୁଣି ଗ୍ରାମ ମୁଣ୍ଡାସାହିର ଶୁଭ ଗୁୟାଁ ଓ ଧନେଶ୍ୱର ମୁଣ୍ଡା। ଏମାନେ ଏକ ବାଇକ୍‌ରେ ଯାଉଥିଲା ବେଳେ ହାଇୱା ସହ ଧକ୍କା ହୋଇଥିଲେ। ଉଭୟଙ୍କ ମୁଣ୍ଡରେ ଗଭୀର ଆଘାତ ଲାଗି ଘଟଣାସ୍ଥଳରେ ମୃତ୍ୟୁ ହୋଇଥିଲା। ଥାନା ଅଧିକାରୀ କାଶୀନାଥ ହାଁସଦା ପହଞ୍ଚି ତଦନ୍ତ ଜାରି ରଖିଛନ୍ତି। ଏହି ରାସ୍ତା କେନ୍ଦୁଝର, ତେଲକୋଇ ସହ ସିଧାସଳଖ ସଂଯୋଗ କରୁଥିବାରୁ ଉଭୟ ପାଶ୍ୱର୍ରେ ଯାନବାହାନ ଅଟକି ରହିଥିବା ଜଣାପଡ଼ିଛି।



ଗଁଦିଆ,୧୪।୬(ସମିସ):

## ଆଗ ଭଳି ନାହିଁ ରଜର ଚମକ

ଦୋଳିର କଟକଟ ଶବ୍ଦ, ଝିଅବୋହୂଙ୍କ ମନ ମତାଣିଆ ରଜଗୀତ, ନାନା ରକମର ପାନ, ପୁଚି, ବାଗୁଡ଼ି, ବୋହୂଚୋରି ଖେଳ ଆଉ ପୋଡ଼ପିଠାର ବାସ୍ନା ଏବେ ଯେମିତି ଦୂରେଇ ଯାଉଛି ଓଡ଼ିଆ ଘରର ରଜ ପରମ୍ପରାରୁ। ସାଧାରଣତଃ କୃଷିକୁ ନେଇ ଓଡ଼ିଶାରେ ବଭିନ୍ନ ପର୍ବପର୍ବାଣୀ ପରମ୍ପରା କାହିଁ କେତେ କାଳରୁ ରହି ଆସିଛି। ଖରିଫ ଚାଷ ପ୍ରାରମ୍ଭରେ ରଜ ୩ ଦିନ ଧରି ବେଶ୍ ଜାକଜମକରେ ପାଳିତ ହୋଇଥାଏ। ଗ୍ରାମୀଣ ଚଳଣି ଭିତରେ ଲୋକଶ୍ରୁତିରୁ ଜଣାଯାଏ ଯେ ଏହି ସମୟରେ ପୃଥିବୀ ମାତା ରଜସ୍ୱଳା ହେଉଥିବାରୁ ଏବଂ ପରବର୍ତ୍ତୀ ସମୟରେ ଭଲ ଚାଷ ହେବା ପାଇଁ ଓଡ଼ିଆ ଜନଜୀବନ ସହିତ ରଜ ପର୍ବ ଯୋଡ଼ି ହୋଇଯାଇଛି। ରଜ ପାଳିବା ପାଇଁ ପ୍ରାୟ ମାସେ ଆଗରୁ ଘରେ ଘରେ ଆରମ୍ଭ ହୁଏ ପ୍ରସ୍ତୁତି। ଘର ଅଗଣା ଲିପାପୋଛା କରି ତାକୁ ଝୋଟିରେ ସଜେଇ ୩ଦିନ ଧରି କାମ ନ କିରବାର ପରମ୍ପରା ରହିଥିବାରୁ ସେଥିପାଇଁ ଢେର ଆଗରୁ ମହିଳାମାନେ ବିଭିନ୍ନ ପ୍ରସ୍ତୁତି ଶେଷ କରିଥାନ୍ତି। ଏହି ତିନିଦିନ ଖୁସି ମନାଇବା ପାଇଁ ବିଭିନ୍ନ ରକମର



ଦୋଳି ତିଆରିରେ ମାତିଯାଆନ୍ତି ଗ୍ରାମର ଯୁବକ ଓ ପୁରୁଷମାନେ। ଏହି ପର୍ବର ସାମାଜିକ ଏବଂ ସାଂସ୍କୃତିକ ଦିଗ ଯେତିକି ବୃହତ୍ ଗ୍ରାମବାସୀଙ୍କ ମଧ୍ୟରେ ଭାଇଚାରା ସୃଷ୍ଟି କରିବାରେ ଏହାର ଅବଦାନ ମଧ୍ୟ ସେତିକି ଗୁରୁତ୍ୱପୂର୍ଣ୍ଣ। ତେବେ ଆଗଭଳି ଆଉ ରଜର ଚମକ ଦେଖିବାକୁ ମିଳୁନାହିଁ। ଜଗତୀକରଣ ଓ ପାଶ୍ଚାତ୍ୟ ସଂସ୍କୃତିର ପ୍ରାବଲ୍ୟ ଭିତରେ ଯେମିତି ହଜିଯାଇଛି ଓଡ଼ିଆ ଘରର ପରମ୍ପରା। ଏହା ଚଳିତବର୍ଷ ପରିଲକ୍ଷିତ ହୋଇଛି।

ଅଳ୍ପ କେତେକ ଗ୍ରାମକୁ ଛାଡ଼ିଦେଲେ। ଅଧିକାଂଶ ଗ୍ରାମରେ ଆମ୍ବତୋଟାରେ ଆଉ ଦେଖାଯାଉନି ବିଭିନ୍ନ ରକମର ଦୋଳି। ଆମ୍ବ ତୋଟାରେ ବିଭିନ୍ନ ଦୋଳିର କଟକଟ ଶବ୍ଦ ଧାରା ଶ୍ରାବଣରେ ବେଙ୍ଗୁଲି ନାନିର ଶବ୍ଦର ଭ୍ରମ ସୃଷ୍ଟି କରୁଥିବା ବେଳେ ତାହା ଏବେ ଯେମିତି କାହାଣୀ ହୋଇଯାଇଛି ଗାଁ ଗଣ୍ଡାରେ। କିଛି କିଛି ଜାଗାରେ ରଶି ବାନ୍ଧି ଦୋଳି କରାଯାଇଥିବା ବେଳେ କାଠ ଓ ବାଉଁଶ ତିଆରି ପଟାଦୋଳି, ଚକ୍ରଦୋଳି ଆଦି ଗୋଟିଏ ବି ଦେଖାଯାଉନି। ଫଳରେ ଆଗଭଳି ରଜ ମଉଜ ଅନୁଭବ ହେଉନି। ସମ୍ପ୍ରତି ଗ୍ରାମାଞ୍ଚଳଠାରୁ ଆରମ୍ଭ କରି ସହରାଞ୍ଚଳ ପର୍ଯ୍ୟନ୍ତ ଲୋକମାନଙ୍କର ମନୋରଞ୍ଜନର ମାଧ୍ୟମରେ ଯଥେଷ୍ଟ ପରିବର୍ତ୍ତନ ଘଟିଛି। ପୁଚି, ଲୁଡୁ, ପଶା, କବାଡ଼ି ଓ ତାସ୍ ଖେଳର ଜାଗା କମ୍ପ୍ୟୁଟର, ଟେଲିଭିଜନ ଓ ମୋବାଇଲ ଭିଡିଓଗେମ୍ ନେଇଛି। ଫଳରେ ପୁରାତନ ପରମ୍ପରା ଓ ସଂସ୍କୃତି ଧୀରେ ଧୀରେ ହଜିଯିବାକୁ ବସିଲାଣି।

